Bhubaneswar- 13 August 2026
ଭୁବନେଶ୍ୱର- ୧୩ ଅଗଷ୍ଟ ୨୦୨୬
Vol- 1 Issue - 107
ଭାଗ- ୧ ସଂଖ୍ୟା- ୧୦୭
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୬୦୧୦୦୭

ମାଟ୍ରିକ ସପ୍ଲିମେଣ୍ଟାରୀ ରେଜଲ୍ଟ ପ୍ରକାଶ
ପାସ୍ ହାର ୬୩.୬୪%



କଟକ : ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ)- ୨୦୨୬ର ଫଳାଫଳ ବୁଧବାର ପ୍ରକାଶ ପାଇଛି। ମୋଟ ୫,୭୬୦ ଜଣ ଛାତ୍ରଛାତ୍ରୀ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇଥିବା ବେଳେ ୩,୬୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ୬୩.୬୪ ପ୍ରତିଶତ ରହିଛି।ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେହି ଏ୧ ଗ୍ରେଡ୍ ପାଇ ନଥିବା ବେଳେ ଏ୨ରେ ୫ ଜଣ ବି୧ରେ ୧୨, ବି୨ରେ ୫୩,ସି ରେ ୧୯୨, ଡ଼ିରେ ୫୩୬ ଏବଂ ଇ ଗ୍ରେଡ୍‌ରେ ୨,୫୯୩ ଜଣ ରହିଛନ୍ତି। ୨୭୫ ଜଣ କମ୍ପାର୍ଟମେଣ୍ଟାଲ୍‌ରେ ପାସ୍ କରିଥିବା ବେଳେ ୨,୦୯୪ ଜଣ ଫେଲ୍ ହୋଇଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ)- ୨୦୨୬ରେ ମୋଟ ୮,୬୯୮ ଜଣ ପରୀକ୍ଷା ଦେଇଥିବା ବେଳେ ୫,୪୫୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାର ପାସ୍ ହାର ୬୨.୬୫ ପ୍ରତିଶତ ରହିଛି। ଏଥିରେ ଏ୧ ଗ୍ରେଡ୍‌ରେ କେହି ପାସ୍ କରି ନଥିବା ବେଳେ ଏ୨ରେ ୧୦, ବି୧ରେ ୧୦୯, ବି୨ରେ ୪୦୧, ସିରେ ୮୬୮, ଡ଼ିରେ ୧,୫୧୪ ଏବଂ ଇଗ୍ରେଡ୍‌ରେ ୨,୫୪୮ ଜଣ ରହିଛନ୍ତି। ମୋଟ ୩,୧୮୫ ଜଣ ଫେଲ୍ ହୋଇଛନ୍ତି। ପ୍ରଥମ ଥର ପାଇଁ ଡିଜିଟାଲ ମୂଲ୍ୟାୟନ କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ତ୍ରୁଟିଶୂନ୍ୟ ମୂଲ୍ୟାୟନ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତାରାଇ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଡିଜିଟାଲ ମୂଲ୍ୟାୟନ କରିବାକୁ ଲକ୍ଷ୍ୟ ରଖିଛି ବୋର୍ଡ। ବୋର୍ଡର ବିଭିନ୍ନ କମିଟିରେ ଏ ନେଇ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ସଭାପତି କହିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତାରାଇଙ୍କ ସୂଚନା ମୁତାବକ ଏହି ପଦ୍ଧତି ଦ୍ୱାରା ବୋର୍ଡକୁ ଅନେକ ସଫଳତା ମିଳିବ। ବିଶେଷକରି ମ୍ୟାନ ପାୱାର କମିବ ଏବଂ କମ୍ ସମୟରେ ମୂଲ୍ୟାୟନ ପ୍ରକ୍ରିୟା ଶେଷ ହେବ।

୧୦ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ

- ✶ ଫୋକସରେ କୃଷି, ନିଯୁକ୍ତି ଓ ଭିତ୍ତିଭୂମି
- ✶ ପେପରଲେସ ହେବ ଅଫିସ କାର୍ଯ୍ୟ
- ✶ ସେମିକଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ
- ✶ ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପକୁ ମୋହର
- ✶ 'ଯଶୋଦା' ଓ 'ଆଶୀର୍ବାଦ' ଯୋଜନା ରହିବ ଜାରି

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌କମିଟି ବୈଠକରେ ଓସ୍ୱାସ୍ ୩.୦ ବିକାଶ କରିବା ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଏହାକୁ ବିକାଶ କରିବା ପାଇଁ ଟିସିଏସ୍‌କୁ ୧୨୨.୬୦ କୋଟି ଟଙ୍କାର ବରାଦ ଦିଆଯାଇଛି। କମ୍ପାନି ଏହାର କାର୍ଯ୍ୟାନ୍ୱୟନ ସହ ୫ ବର୍ଷର ସହାୟତା ମଧ୍ୟ ପ୍ରଦାନ କରିବ। ରାଜ୍ୟର ସମସ୍ତ ପ୍ରମୁଖ କାର୍ଯ୍ୟାଳୟକୁ କାଗଜବିହୀନ କରିବା ପାଇଁ ୨୦୨୫-୨୬ରେ ଓସ୍ୱାସ୍ ୨.୦ କାର୍ଯ୍ୟକାରୀ କରାଯାଇଥିଲା। ବିଗତ ବର୍ଷରେ କାର୍ଯ୍ୟାଳୟ ସଂଖ୍ୟା ୬୩୮ ପ୍ରତିଶତ ଓ ବ୍ୟବହାରକାରୀଙ୍କ ସଂଖ୍ୟା ୨୪୭ ପ୍ରତିଶତ ବୃଦ୍ଧି ପାଇଛି। ଏଥିପାଇଁ ଟିସିଏସ୍‌କୁ ବୈଷୟିକ ସହାୟତା ପାଇଁ ନିଯୁକ୍ତ କରାଯାଇଥିଲା। ଟିସିଏସ୍ ସହ ଚୁକ୍ତି ଅବଧି ଶେଷ ହେବା ପରେ ଏହି ପ୍ରକଳ୍ପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆଧୁନିକ ମାଇକ୍ରୋସର୍ଭିସ୍ ଭିତ୍ତିକ ଢାଞ୍ଚା ଓ ଉନ୍ନତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷମତା ସମ୍ପନ୍ନ ଓସ୍ୱାସ୍ ପ୍ଲାଟଫର୍ମ ବିକାଶ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେଥିପାଇଁ ଇ-ନିବିଦା ପୋର୍ଟାଲରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟିସିଏସ୍ ଏକମାତ୍ର ବିଡ୍ ଦାଖଲ କରିଥିଲା। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୬ ବିଭାଗର ୧୦ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏ ନେଇ ସୂଚନା ଦେଇଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ୨ଟି, ଶକ୍ତି ବିଭାଗର ୨ଟି, ଜଳ ସଂପଦ ବିଭାଗର ୨ଟି, ମହିଳା ଓ ଶିଶୁ ବିକାଶ ବିଭାଗର ୨ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ (ଏଗ୍ରିଷ୍ଟାକ) ସମ୍ପର୍କିତ ୧ଟି ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଗୋଟିଏ ପ୍ରସ୍ତାବ କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଦିଗରେ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଓଡିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଏବଂ ଫାବଲେସ ପଲିସିର ତୃତୀୟ ସଂଶୋଧନକୁ ଅନୁମୋଦନ କରାଯାଇଛି। ଏହା ଅଧୀନରେ ସେମିକଣ୍ଡକ୍ଟର ଉପକରଣ ନିର୍ମାଣ ଓ ଗବେଷଣା ଏବଂ ବିକାଶ, ସେମିକଣ୍ଡକ୍ଟର-ଗ୍ରେସ ଗ୍ରେଡ ରାସାୟନିକ ପଦାର୍ଥ, ଉନ୍ନତ ସାମଗ୍ରୀ ଉତ୍ପାଦନ, ସେମିକଣ୍ଡକ୍ଟର ସପ୍ଲାଇ ଚେନର ବିଭିନ୍ନ ଉପାଦନା ଏବଂ ଉନ୍ନତ ପ୍ରଯୁକ୍ତି କ୍ଷେତ୍ରରେ ଗବେଷଣା ଓ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ନୂତନ ବ୍ୟବସ୍ଥା କରାଯାଇଛି। ଇଣ୍ଡିଆ ସେମିକଣ୍ଡକ୍ଟର ମିସନ ଅଧୀନରେ ମଞ୍ଜୁର ହୋଇଥିବା ପ୍ରକଳ୍ପର ପୁଞ୍ଜି ବ୍ୟୟ ଉପରେ ରାଜ୍ୟ ସରକାର ୨୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରିବେ। ପ୍ରକଳ୍ପର ମାଇଲଖୁଣ୍ଟ ଓ କେନ୍ଦ୍ର ସରକାରଙ୍କ ସହାୟତା ସହ ସମନ୍ୱିତ ହୋଇ ଏହି ପ୍ରୋତ୍ସାହନ ଦିଆଯିବ। ସେମିକଣ୍ଡକ୍ଟର ଉପକରଣ, ଇନପୁଟ୍ ଯୋଗାଣ ଶୃଙ୍ଖଳ ଓ କଞ୍ଚାମାଲ କ୍ଷେତ୍ରର ବୃହତ୍ ପ୍ରକଳ୍ପକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ପ୍ରଦାନ କରିବାକୁ ନୀତିରେ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଦ୍ୱାରା ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ, ଏହି ନୀତି ଅଧୀନରେ ରାଜ୍ୟକୁ ପାଞ୍ଚଟି ପ୍ରସ୍ତାବ ଆସିଛି ଓ ଦୁଇଟି ପ୍ରକଳ୍ପକୁ ଜାତୀୟ ସେମିକଣ୍ଡକ୍ଟର ମିସନ ଅଧୀନରେ ସହାୟତା ମିଳିଛି। ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସପି)ର ବିକାଶକୁ ଦୃଷ୍ଟିରେ ରଖି ଶକ୍ତି ବିଭାଗ ପକ୍ଷରୁ ଓଡିଶା ପମ୍ପଡ୍ ଷ୍ଟୋରେଜ ପ୍ରୋଜେକ୍ଟ (ପିଏସପି) ନୀତି ଏବଂ ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନ କରାଯାଇଛି। ଏହି ସଂଶୋଧନ ୨୦୩୦ ମସିହା ପର୍ଯ୍ୟନ୍ତ ମଞ୍ଜୁରୀ ମିଳିଛି। ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ । ଜଳାଶୟ ଓ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ ପାଇଁ ୩୮୯ କୋଟି ମଞ୍ଜୁର ହୋଇଛି । ଅନ୍ୟପଟେ ଅସହାୟ ଶିଶୁଙ୍କ ପାଇଁ 'ଯଶୋଦା' ଓ 'ଆଶୀର୍ବାଦ' ଯୋଜନା ଜାରି ରହିବ । ଏହି ୨ ଯୋଜନା ପାଇଁ କ୍ୟାବିନେଟରେ ୨୯୬.୯୯ କୋଟି ଅନୁମୋଦିତ ହୋଇଛି। ବୈଠକ ଶେଷ ହେବା ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ନିଷ୍ପତ୍ତି ସମ୍ପର୍କରେ ଆନୁଷ୍ଠାନିକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସାଧାରଣ ଜନତାଙ୍କୁ ସୁବିଧା ଯୋଗାଇବା, ସରକାରୀ ଯୋଜନାଗୁଡ଼ିକର ସୁପରିଚାଳନା ଏବଂ ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତିଗୁଡ଼ିକ ନିଆଯାଇଛି । ପାରିତ ହୋଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ କୃଷି, ଭିତ୍ତିଭୂମି, ନିଯୁକ୍ତି ଏବଂ ବିଭିନ୍ନ ବିଭାଗୀୟ ନିୟମାବଳୀର ସଂଶୋଧନ ଭଳି ଜନହିତକର ବିଷୟ ରହିଛି । ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଗାମୀ ଦିନରେ ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ।

ଚାଷୀଙ୍କୁ ଯୋଗାଇ ଦିଆଯିବ ସ୍ୱଳ୍ପ ମିଆଦି ଧାନ ବିହନ

ରାଜ୍ୟରେ ବନ୍ୟା କ୍ଷୟକ୍ଷତି ଆକଳନ ନେଇ ରାଜସ୍ୱ ମନ୍ତ୍ରୀଙ୍କ ବଡ଼ ସୂଚନା। ମନ୍ତ୍ରୀ କହିଛନ୍ତି ଯେ, କିଛି ଜିଲ୍ଲାରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଲାଣି। କୃଷି ବିଭାଗର ସାହାଯ୍ୟ ନେଇ କ୍ୟାବିନେଟରେ କ୍ଷୟକ୍ଷତି ଆଲୋଚନା ହେବ। ଚାଷୀଙ୍କୁ ସ୍ୱଳ୍ପ ମିଆଦି ଧାନ ବିହନ ଯୋଗାଇ ଦିଆଯିବ। ସେହିପରି ପନିପରିବା ଚାଷୀଙ୍କ ପାଇଁ ମଧ୍ୟ ଅଧିକ ସାହାଯ୍ୟ ଦିଆଯିବ। କୃଷି, ସମବାୟ, ପଶୁସମ୍ପଦ ବିଭାଗ ଦ୍ୱାରା ସ୍ୱତନ୍ତ୍ର ପ୍ୟାକେଜ ଦିଆଯିବ। ସେଥିପାଇଁ ଡାଟା ବେସ୍ ପ୍ରସ୍ତୁତ କରାଯାଉଛି। ଯାହାର ଯାହା କ୍ଷତି ହୋଇଛି ସେଥିପାଇଁ ନିୟମାବଳୀ ହିସାବରେ କ୍ଷତିପୂରଣ ଦିଆଯିବ। କେହି ଯଦି ବଞ୍ଚିତ ହେଉଥାଆନ୍ତୁ ତେବେ ନିକଟସ୍ଥ ପଞ୍ଚାୟତ ଅଫିସ୍ କିମ୍ବା ନିକଟସ୍ଥ ବ୍ଲକ୍ ଅଫିସକୁ ଯାଇ ଜଣାଇପାରିବେ। କୌଣସି କେନ୍ଦ୍ରୀୟ ଟିମ୍ ଆସିବାର ଯୋଜନା ନାହିଁ। ଆବଶ୍ୟକ ହେଲେ କେନ୍ଦ୍ରକୁ ଅଧିକ ସହାୟତା ମାଗିବୁ। ଏବେ ସେକଥା ଚିନ୍ତା କରାଯାଇନି। କ୍ଷୟକ୍ଷତିର ଆକଳନ ପରେ ଜଣାପଡ଼ିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୂଚନା ଦେଇଛନ୍ତି।

ଡିଜିପି ଚୟନ ବିବାଦ: ଆଜି ସୁପ୍ରିମକୋର୍ଟରେ ଶୁଣାଣି

- ଗୁରୁବାର ଡିଜିପି ଚୟନ ନେଇ ୟୁପିଏସସି ବୈଠକ
- ଚୂଡ଼ାନ୍ତ ହୋଇପାରେ ୩ ଆଇପିଏସଙ୍କ ନାମ

ଭୁବନେଶ୍ୱର: ଓଡ଼ିଶା ଡିଜିପି ଚୟନ ବିବାଦ ନେଇ ସୁପ୍ରିକୋର୍ଟରେ ଶୁଣାଣି ପ୍ରସଙ୍ଗ। ବୁଧବାର ହେଲାନାହିଁ ସୁପ୍ରିମକୋର୍ଟରେ ଶୁଣାଣି। ସୁପ୍ରିମକୋର୍ଟରେ ଶୁଣାଣି ଲାଗି ମାମଲା ତାଲିକାଭୁକ୍ତ କରାଯାଇନାହିଁ । ଗୁରୁବାର ଶୁଣାଣି ହେବ ବୋଲି ଦସୂଚନା ମିଳିଛି । ଡିଜିପି ଚୟନ ବିବାଦ ନେଇ ସୁପ୍ରିମକୋର୍ଟରେ ହୋଇଛି ଜନସ୍ୱାର୍ଥ ମାମଲା। ପୋଲିସ୍ ଡିଜି ଚୟନ ପ୍ରକ୍ରିୟାରେ ୨୦୦୬ ପ୍ରକାଶ ସିଂ ମାମଲାର ରାୟକୁ ଉଲଂଘନ କରାଯାଇଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରିଛନ୍ତି ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍। ଓଡ଼ିଶା ସରକାର ଡ଼ିଜିପି ନିଯୁକ୍ତି ସଂପର୍କରେ ସର୍ବୋଚ୍ଚ କୋର୍ଟଙ୍କ ରାୟକୁ ଏଡ଼ାଇବାକୁ ଚେଷ୍ଟା କରୁଛନ୍ତି ଏବଂ ସେଥିପାଇଁ ସିଲେକସନ୍ ପ୍ୟାନେଲରେ ଅଯୋଗ୍ୟ ଅଧିକାରୀଙ୍କୁ ସାମିଲ୍ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ରାଜ୍ୟର ନୂଆ ପୋଲିସ୍ ମୁଖିଆ ଚୟନ ପ୍ରକ୍ରିୟା ଭିତରେ ୧୯୯୪ ବ୍ୟାଚର ଆଇପିଏସ୍ ଅଫିସର ସଂଜୀବ ପଣ୍ଡା ଓ ଯଶବନ୍ତ ଜେଠ୍ୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ପରେ ବଢିଛି ବିବାଦ। ଗୁରୁବାର ୟୁପିଏସସି ବୈଠକ ସହ ୩ ଜଣଙ୍କ ନାଁ ବଛାଯିବ। ଯାହା ମଧ୍ୟରୁ ଜଣଙ୍କୁ ପରବର୍ତ୍ତୀ ପୋଲିସ୍ ଡିଜି କରିପାରିବେ ରାଜ୍ୟ ସରକାର। ଡିଜିପି ଚୟନ ନେଇ ରାଜ୍ୟ ସରକାର ସାନି ତାଲିକାରେ ୧୯୯୦ ବ୍ୟାଚ ଆଇପିଏସ ସୁଧାଂଶୁ ଷଡଙ୍ଗୀ, ୯୩ ବ୍ୟାଚ ଆଇପିଏସ ଅଫିସର ଆରପି କୋଚେ ଏବଂ ୯୪ ବ୍ୟାଚ୍ ଆଇପିଏସ ସଂଜୀବ ପଣ୍ଡା ଓ ଯଶୱନ୍ତ ଜେଠ୍ୱାଙ୍କ ନାଁ ରହିଥିବା ଜଣାପଡିଛି।

ନନ୍ଦନକାନନରେ ହରିଣ ଶୀକାର କରି ଖାଇଲା ବାଘ

ଭୁବନେଶ୍ୱର : ନନ୍ଦନକାନନରେ ହରିଣ ଶୀକାର କରି ଖାଇଲା ବାଘ । ଜଙ୍ଗଲ ମଝିରେ ବାଘ ପଞ୍ଝା ତଳେ ହରିଣର ରକ୍ତ ଜୁଡୁବୁଡୁ ଶରୀର । ଏହି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ସଫାରୀ ଗାଡ଼ିରେ ପର୍ଯ୍ୟଟକମାନେ ବୁଲୁଥିବା ସମୟରେ ହଠାତ୍ ଏକ ମହାବଳ ବାଘ ହରିଣ ଉପରେ ଝାମ୍ପ ମାରିଥିଲା । ହରିଣ ଟି ଜୀବନ ବିକଳରେ ଚିତ୍କାର କରୁଥିଲା, କିନ୍ତୁ ବର୍ତ୍ତି ପାରିନଥିଲା । କିଛି ମିନିଟ୍ ମଧ୍ୟରେ ସବୁ ଶେଷ ହୋଇଯାଇଥିଲା । ସବୁଜ ଜଙ୍ଗଲ ଭିତରେ ରକ୍ତର ଛିଟା । ପ୍ରଶ୍ନ ଉଠିଛି, ସଫାରୀ ଭିତରେ ବାଘ ଓ ହରିଣ ଏକାଠି କେମିତି ଆସିଲେ କ'ଣ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏପରି ଘଟଣା ଘଟିଲା ବାଘ ସଫାରୀ ଭିତରେ ଏତେ ବଡ ସୁରକ୍ଷା ତ୍ରୁଟି କେମିତି ହେଲା ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ନିୟମାବଳୀ ୨୦୦୯ ର ସ୍ୱୀକୃତି ଅନୁଯାୟୀ ଜୀବନ୍ତ ଖାଦ୍ୟ ଖୁଆଇବା ସମ୍ପୂର୍ଣ୍ଣ ନିଷିଦ୍ଧ । ନନ୍ଦନକାନନ ଏକ ନିୟନ୍ତ୍ରିତ ଚିଡ଼ିଆଖାନା, କୌଣସି ଖୋଲା ଜଙ୍ଗଲ ନୁହେଁ । ବନ୍ଦୀ ବାଘ ଏବଂ ମୁକ୍ତ ପ୍ରାଣୀଙ୍କ ମଧ୍ୟରେ ସୁରକ୍ଷିତ ବ୍ୟବଧାନ ରଖିବା କର୍ତ୍ତୃପକ୍ଷଙ୍କ ମୁଖ୍ୟ ଦାୟିତ୍ୱ । 'ବାଘ ସଫାରୀ ଏକ ସମ୍ପୂର୍ଣ୍ଣ ଉଚ୍ଚ ତାରଜାଲି ବାଡ଼ ଘେରା ସୁରକ୍ଷିତ ବଳୟ । ତାହା ଭିତରକୁ ହରିଣ ପଶିଲା କେମିତି ? ଏହି ଘଟଣାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ, ସିସିଟିଭି ଯାଞ୍ଚ ଏବଂ ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର ଧରିଛି ।

ଅଜଣା ଗାଡ଼ି ଧକ୍କାରେ ଶିଶୁକନ୍ୟା ମୃତ, ବାପା-ମା' ଗୁରୁତର

କଟକ: ବୁଧବାର ସନ୍ଧ୍ୟା ୮ଟା ବେଳେ କଟକଜିଲ୍ଲା ବାଙ୍କୀ-ତ୍ରିଶୂଳିଆ ମୁଖ୍ୟରାସ୍ତାର ପାଟପୁର ନିକଟରେ ହୃଦୟ ବିଦାରକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୪ ବର୍ଷ ବୟସର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ନାବାଳିକର ମା' ଓ ବାପା ଗୁରୁତର ହେଉଛନ୍ତି। ମୃତାହତଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ଶିଶୁକନ୍ୟା ଏବଂ ସ୍ତ୍ରୀଙ୍କୁ ବାଇକ୍‌ରେ ଧରି ତାର ବାପା ଓ ମା' ବାଇକ୍ ଯୋଗେ ତ୍ରିଶୂଳିଆ ଛକ ଆଡକୁ ଆସୁଥିବା ବେଳେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ବାଳିକା ଜଣକ ତଳକୁ ଛିଟିକି ପଡିଯିବା ପରେ ଗାଡ଼ି ଚଢ଼ିଯିବାରୁ ମୃତ୍ୟୁ ଘଟିଥିଲା। ବାପା ଓ ମା'ଙ୍କ ମୁଣ୍ଡ ଓ ମୁହଁ କ୍ଷତ ବିକ୍ଷତ ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକ ଗୁରୁର ବାପା ଏବଂ ମା'ଙ୍କୁ ଚିକିତ୍ସା ପାଇଁ କଟକ ଏସସିବି ଡାକ୍ତରଖାନାକୁ ପଠାଇଛନ୍ତି। ଘଟଣାସ୍ଥଳରେ ଭିଡ଼ ଜମିଥିବରୁ ବାରଙ୍ଗ ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ସହ ସ୍ଥିତି ଅନୁଧ୍ୟାନ କରୁଛି।

ପୁରୀ ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମିର ଉନ୍ନତିକରଣ ବୈଠକ

ପୁରୀ ବେଳାଭୂମି ହେବ ଆଧ୍ୟାତ୍ମିକ ବେଳାଭୂମି

- ◆ ଆହୁରି ଭବ୍ୟ ହେବ 'ମହୋଦଧି ଆରତୀ',
- ◆ ପୀଠ ଜମି ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ
- ◆ ଗୋବର୍ଦ୍ଧନ ପୀଠର ଐତିହ୍ୟ ରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ
- ◆ ପୂର୍ବାଚାର୍ଯ୍ୟଙ୍କ ସମାଧି ସ୍ଥଳର ହେବ ସଂରକ୍ଷଣ

ଭୁବନେଶ୍ୱର: ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବିଶ୍ୱ ହସ୍ତୀ ଦିବସରେ ମାଈ ହାତୀର ମୃତଦେହ ଠାବ

ସମ୍ବଲପୁର: ବିଶ୍ୱ ହାତୀ ଦିବସ ଉପଲକ୍ଷେ ବଡ଼ ଉପହାର । ଆଜି ହାତୀ ଦିବସ ହୋଇଥିବା ବେଳେ ସମ୍ବଲପୁରରେ ଜିଲ୍ଲାରେ ହାତୀ ମୃତ୍ୟୁ ଥମୁ ନଥିବାର ନାଁ ନେଉନାହିଁ । ଆଜି ପୁଣି ଏକ ହାତୀ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ସଦର ରେଞ୍ଜ ମୁଣ୍ଡେର ସ୍ଥିତ ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତଦେହ ଠାବ କରାଯାଇଛି । ସୂଚନା ଅନୁଯାୟୀ, ୩ ଦିନ ହେବ ମାଈ ହାତୀର ମୃତ୍ୟୁ ହୋଇଥିବା ବେଳେ ହାତୀର ମୃତଦେହରୁ ଦୁର୍ଗନ୍ଧ ହେବାରୁ ଆଜି ଜଣାପଡିଥିଲା । ଘଟଣା ସ୍ଥଳକୁ ବନ ବିଭାଗ ପହଞ୍ଚି ଛାନଭିନ ଆରମ୍ଭ କରିଛି । ତେବେ ହାତୀକୁ କିଏ ମାରିଛି କି ହାତୀର ସ୍ୱାଭାବିକ ମୃତ୍ୟୁ ହୋଇଛି ତାହାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । ତେବେ ମାସକ ପୂର୍ବରୁ ପଡିବହାଲ ରେଞ୍ଜ ମିର୍ଧାପଡା ଜଙ୍ଗଲରୁ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଥିଲା । ବିଦ୍ୟୁତ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ବେଳେ ଦୁର୍ଗନ୍ଧ ହେବା ପରେ ବନ ବିଭାଗ ଖବର ପାଇ ମୃତଦେହ ଉଦ୍ଧାର କରିଥିଲା।

ସମ୍ପାଦକୀୟ

କାଳ ସକାଳ

କଲମ୍ବିଆରେ ଗତ ସୋମବାର ଯେଭଳି ଭାବେ ଭୂକମ୍ପ ଅନୁଭୂତ ହୋଇଛି, ସେଥିରେ ପ୍ରାୟ ୧୧୧ ଜଣଙ୍କର ମୃତ୍ୟୁକୁ ସୁନିଶ୍ଚିତ କରିଛି କଲମ୍ବିଆ ପ୍ରଶାସନ ଯାହାକୁ ନିଶ୍ଚିତ ଭାବେ ବିଶ୍ୱାସ କରିବା କିନ୍ତୁ ସେତେ ସହଜ ନୁହେଁ। କାରଣ ପ୍ରଶାସନିକ ତଥ୍ୟ ଯେ ସବୁବେଳେ ସଠିକ ତଥ୍ୟ ପ୍ରଦାନ କରେ, ସେମିତି ଭାବିବା ଠିକ୍ ନୁହେଁ। ପ୍ରଶାସନ ତରଫରୁ ସଠିକ୍ ତଥ୍ୟ ପ୍ରଦାନ ସମୟରେ କେବେ କେବେ କିଛି ନା କିଛି ତ୍ରୁଟି ବିଚ୍ୟୁତି ହୋଇଯାଏ ଯାହାକୁ ଘୋଡ଼ାଇବା ପାଇଁ, ଯାହାକୁ ଲୁଚାଇବା ପାଇଁ ସରକାର ଅନେକ ସମୟରେ ବାସ୍ତବ ତଥ୍ୟକୁ ଲୁଚାଇବାର ପ୍ରବଳ ପ୍ରୟାସ କରିଥାନ୍ତି। ଘଟଣା ଯଦି ଅତି ବଡ଼ ଦୁର୍ଘଟଣାର ରୂପନିଏ, ତେବେ ସରକାର ବି ଅଧିକାଂଶ ସମୟରେ ସେଭଳି ବୃହତ୍ ଦୁର୍ଘଟଣାବହୁଳ ପରିସ୍ଥିତିକୁ ଉପଯୁକ୍ତ ଭାବେ ଟାଳିବାରେ ତାଙ୍କର ଅକ୍ଷମତା ପ୍ରକାଶ କରନ୍ତି । କାରଣ କେବେ କେବେ ସରକାର ମଧ ସଠିକ୍ ସମୟରେ ପରିସ୍ଥିତିରେ ସୁଧାର ଆଣିପାରନ୍ତି ନାହିଁ। ସମସ୍ୟା ଯଦି ବିରାଟ, ସମସ୍ୟା ଯଦି ବୃହତ ଏବଂ ସମସ୍ୟା ଯଦି ଗମ୍ଭୀର .. ତେବେ ସରକାର ମଧ ସେହି ଅନୁସାରେ ବୃହତ୍ କିଛି ସମୟୋପଯୋଗୀ ପଦକ୍ଷେପ ଉଠାଇବାର ଆବାଶ୍ୟକତା ରହିଛି। ତେବେ ପଦକ୍ଷେପ ମଧ ସଠିକ୍ ଏବଂ ସଶକ୍ତ ହେବାର ଆବଶ୍ୟକତା ରହିଛି। ନଚେତ୍ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୁଏତ ସମ୍ଭବ ନୁହେଁ। କେଉଁଠି ନା କେଉଁଠି କିଛି ବି ରହିଯାଇପାରେ ତ୍ରୁଟି ବିଚ୍ୟୁତି ଯାହାର ପରବର୍ତ୍ତୀ ପରିଣାମ ହୁଏତ ପୁଣି ଗମ୍ଭୀର ହୋଇପାରେ। ଏଇ ଯେମିତି ଏବେ ପରିସ୍ଥିତି ଅତି ଗମ୍ଭୀର ହୋଇପଡ଼ିଛି କଲମ୍ବିଆରେ। ଦକ୍ଷିଣ ଆମେରିକୀୟ ରାଷ୍ଟ୍ର କଲମ୍ବିଆ ଯେଉଁଠାରେ ଆସିଛି ଭୟଙ୍କର ଭୂମିକମ୍ପ। ଗତ ସୋମବାର ସକାଳ ସାତଟା ସମୟ । ହଠାତ୍ ଭୂକମ୍ପର ଏକ ବଡ଼ ଝଟକା ଅନୁଭୂତ ହେଲା କଲମ୍ବିଆରେ । ଏମିତି ସେମିତି ନୁହେଁ , ବହୁତ ବଡ଼ ଝଟକା..ଏକାବେଳକେ ୭.୪ ତୀବ୍ରତାର ଝଟକା ଯାହାକୁ ସମ୍ଭାଳିବା ଅତି କଷ୍ଟକର ହୋଇପଡ଼ିଛି କଲମ୍ବିଆର ଅଧିବାସୀଙ୍କ ପାଇଁ। ଏତେ ବଡ଼ ଧରଣର ଭୂକମ୍ପ ସକାଳୁ ସକାଳୁ ସାମ୍ନା କରିବା କେବେ ବି କେହି ସ୍ୱପ୍ନରେ ବି ଭାବି ନଥିବେ। ତାହା ପୁଣି ସୋମବାର ଭଳି ଏକ ସାଧାରଣ କାର୍ଯ୍ୟ ଦିବସରେ ପରିସ୍ଥିତି କଲମ୍ବିଆବାସୀଙ୍କ ପଇଁ ଏତେ ଯେ କ ଭୟଙ୍କର ହୋଇପଡିବ, ଯାହାକୁ ସାଧାରଣରେ ଅନୁମାନ ଲଗାଇବା ମଧ ଏତେ ସହଜ ନୁହେଁ କି ସମ୍ଭବ ନୁହେଁ ତଥାପି ସେଭଳି ଏକ ଅପ୍ରତ୍ୟାଶିତ ଏବଂ ଅସହଜ ପରିସ୍ଥିତିକୁ ଅତି କଷ୍ଟର ସହିତ ସମ୍ମୁଖୀନ ହୋଇଥିଲେ କଲମ୍ବିଆର ଅଧିବାସୀ। ତେବେ ଆମେରିକାର ଏକ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ପଶ୍ଚିମ ବୋଗାଟାରୁ ପ୍ରାୟ ୪୦୦ କି ମି ଦୂରରେ ଥିବା 'ସାନଜୋସ୍ ଡେଲ୍ ପାଲ୍ମର'ରେ ଥିଲା ଭୂକମ୍ପର କେନ୍ଦ୍ରସ୍ଥଳ ଯାହାକି ଭୂପୃଷ୍ଠରୁ ପ୍ରାୟ ୧୦୭ କିମି ଗଭୀରରେ ରହିଥିଲା । ତେବେ ସେହି ଭୂକମ୍ପର ଝଟକା ଏତେ ତୀବ୍ର ଥିଲା ଯାହାକି କଲମ୍ବିଆର ପଡ଼ୋଶୀ ଦେଶରେ ମଧ ଭୂକମ୍ପର ସେହି ଭୟଙ୍କର ତଥା ସୁଦୂରପ୍ରସାରୀ କୁପ୍ରଭାବ ଅନୁଭୂତ ହୋଇଥିଲା। ଯେଉଁଥିରେ ଗୁରୁତର ଆହତଙ୍କ ସଂଖ୍ୟା ହଜାରେରୁ ବି ଅଧିକ ହୋଇପାରେ । ସେମାନଙ୍କ ମଧ୍ୟରେ ଅନେକ ନିଖୋଜ ହୋଇଗଲେଣି। ଏଭଳି ସମ୍ବେଦନଶୀଳ ଘଟଣାରେ କଲମ୍ବିଆ କେନ୍ଦ୍ର ସରକାର ଏବଂ ସ୍ଥାନୀୟ ସରକାର ଉଭୟ ଗୁରୁତତରଙ୍କୁ ସହରର ବିଭିନ୍ନ ହସପିଟାଲକୁ ସ୍ଥାନାନ୍ତର କରି ସେମାନଙ୍କ ଉତ୍ତମ ଚିକିତ୍ସା ସେବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ତେବେ ବିଶ୍ୱର ସର୍ବାଧିକ ଭୂକମ୍ପ ପ୍ରବଣ ଅଞ୍ଚଳ ମାନଙ୍କ ତାଲିକାରେ ସ୍ଥାନ ପାଇଛି ଏହି ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆ ଯାହାର ଅଧିବାସୀଙ୍କୁ ପ୍ରତିବର୍ଷ ଏହିପରି ସମୟ ସମୟରେ କଠୋର ପରିସ୍ଥିତି ର ସାମନା କରିବାକୁ ପଡ଼ିଥାଏ।

ଛାତ୍ରଙ୍କ ସଫଳତା

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ମଧ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥାଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହାରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

ଅଧିକାର ପୂରା, କର୍ତ୍ତବ୍ୟ ଅଧା କ'ଣ ଏହା ହିଁ ସ୍ୱାଧୀନତା

ଗୋପାଳ ମହାପାତ୍ର

ଭାରତ କେବଳ ଏକ ଭୂଗୋଳ ନୁହେଁ, ବରଂ ବିଚାର, ମୂଲ୍ୟ ଏବଂ ସହ ଅସ୍ତିତ୍ୱର ଜୀବନ୍ତ ପ୍ରତୀକ ଅଟେ। ଏଠି ସଂସ୍କୃତି, ଅଧ୍ୟାତ୍ମ୍ୟ, ବିଜ୍ଞାନ ଏବଂ ବିବିଧତାର ସଙ୍ଗମ ଏକତାର ସୂତ୍ରରେ ବନ୍ଧା ହୋଇଛି। ଆମର ସ୍ୱତନ୍ତ୍ରତା କେବଳ ରାଜନୈତିକ ସ୍ୱାଧିନତାର ପର୍ବ ହୋଇ ରହିନାହିଁ ବରଂ ଏହା ସେଇ ସମାବେଶୀ ରାଷ୍ଟ୍ରର ମୂଳଦୁଆ ଥିଲା ଯାହାର କଳ୍ପନା "ଆମେ ଭାରତର ଜନସାଧାରଣ"ରେ କରାଯାଇଥିଲା ଏକ ଏମିତି ରାଷ୍ଟ୍ର ଯେଉଁଠି ସବୁ ନାଗରିକ ସମାନ ଅଧିକାର ଏବଂ ଅବସରର ଅଧିକାରୀ ହେବେ। ଏଇ ଅଧିକାରକୁ ସ୍ୱର ଏବଂ ସଂରଚନା ଦେବାର କାମ କରିଥିଲା ଆମର ସମ୍ବିଧାନ। ସମ୍ବିଧାନ କେବଳ ଏକ ବିଧିକ ଦସ୍ତାବିଜ୍ ନୁହେଁ ବରଂଚ ରାଷ୍ଟ୍ରର ଆତ୍ମା ଅଟେ ଯିଏ ସ୍ୱତନ୍ତ୍ରତାକୁ ଉତ୍ତରଦାୟୀତ୍ୱ ସହ ଯୋଡିଦେଇଛି। ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଏବଂ ବନ୍ଧୁତ୍ୱ ଏହାର ପ୍ରାଣ ଅଟେ। କିନ୍ତୁ ଏହା କେବଳ କାଗଜରେ ନୁହେଁ ନାଗରିକ ବା ଲୋକଙ୍କ ସଜାଗ ଚେତନାରେ ଜୀବିତ ରହି ହିଁ ସାର୍ଥକ ହୋଇପାରେ। ଦୁର୍ଭାଗ୍ୟ ଯେ ସ୍ୱାଧିନତାକୁ ଆମେ ଅଧିକାର ବୋଲି ଭାବିନେଲେ ହେଲେ କର୍ତ୍ତବ୍ୟ କଥାଟା ଭୁଲିଗଲେ। ଭୋଟଦାନକୁ ଗଣତନ୍ତ୍ରର ଶେଷକଥା ବୋଲି ଭାବିନେଲେ ଯଦିଓ ଏହା ପ୍ରାରମ୍ଭମାତ୍ର। ଗଣତନ୍ତ୍ରକୁ ଜୀବନ୍ତ ରଖିବା ପାଇଁ ନାଗରିକଙ୍କୁ ବିଚାରକ ସମୀକ୍ଷକ ଏବଂ ସହଭାଗୀ ହେବାକୁ ପଡିବ। ଯେପର୍ଯ୍ୟନ୍ତ ଆମେ ସମ୍ବିଧାନକୁ ଜୀବନଶୈଳୀ ଭଳି ନ ଆପଣେଇଛେ ସେ ପର୍ଯ୍ୟନ୍ତ ଗଣତନ୍ତ୍ର କେବଳ ଔପଚାରିକତା ହୋଇ ରହିଯିବ। ସମ୍ବିଧାନର ଅନୁଚ୍ଛେଦ ୫୧(କ)ରେ ଉଲ୍ଲିଖିତ କର୍ତ୍ତବ୍ୟ ସାର୍ବଜନିକ ସମ୍ପତ୍ତିର ସୁରକ୍ଷା, ବୈଜ୍ଞାନିକ ଦୃଷ୍ଟିକୋଣ, ସାମାଜିକ ସମାନତା, ପରିବେଷ ସଂରକ୍ଷଣ ଏବଂ ରାଷ୍ଟ୍ରୀୟ ଏକତା କେବଳ ବହି ଭିତରେ ସିମୀତ ହୋଇ ରହିଯାଇଛି କିନ୍ତୁ ଆମ ଜୀବନରେ ଦୁର୍ଲଭ। ଦେଶଭକ୍ତିକୁ ଆମେ ପତାକା ଉତ୍ତୋଳନ ଏବଂ ସ୍ଲୋଗାନରେ ସିମୀତ କରିଦେଇଛେ ଯଦିଓ ଏହା ଆମର ଦୈନନ୍ଦିନର ବା ସାଧାରଣ ଆଚରଣରେ ପ୍ରତିଫଳିତ ହେବା ଉଚିତ୍। ଆମ ଦେଶର ଆତ୍ମା ବିବିଧତାରେ ନିହିତ ଏକତା ଅଟେ। କିନ୍ତୁ ଯେତେବେଳେ ଜାତି, ଧର୍ମ, ଭାଷା ଏବଂ ଆଞ୍ଚଳିକ ପରିଚୟ ସଂଘର୍ଷ ବା ତିକ୍ତତାର କାରଣ ପାଲଟିଥାଏ ସେତେବେଳେ ସମ୍ବିଧାନର ଭାବନା ଆହତ ହୋଇଥାଏ। ଡ଼କ୍ଟର ଭୀମରାଓ ଆମ୍ବେଦକର ଚେତାଇଥିଲେ ଯଦି ଆମ ଭିତରେ ଏକତା ନରହିବ ତେବେ ସମ୍ବିଧାନର କୌଣସି ମୂଲ୍ୟ ନାହିଁ। ତାଙ୍କ ଚେତବନୀ ସତ୍ତ୍ୱେ ଯଦି ଆମେ ବିଭାଜିତ ହେବା ଭଳି କାର୍ଯ୍ୟ କରିବା ଏବଂ ସମ୍ବିଧାନର ପ୍ରାଣକୁ ଦୁର୍ବଳ କରିବା ପାଇଁ ଉଦ୍ୟମ କରିବା ତେବେ ଆମେ ନିଜକୁ ଭାରତୀୟ କହିବା କିପରି ? ଏପରି କଲେ ସମ୍ବିଧାନ ପ୍ରଣେତା ମାନେ ସ୍ୱର୍ଗରେ ଥାଇ ଦୁଃଖ ଅନୁଭବ କରିବେ ନିଶ୍ଚୟ। ଅଭିବ୍ୟକ୍ତିର ସ୍ୱାଧିନତା ଗଣତନ୍ତ୍ରର ଆଭୂଷଣ ଅଟେ କିନ୍ତୁ ଏହା ମର୍ଯ୍ୟଦା ଏବଂ ସଦ୍‌ଭାବ ସହ ରହିଲେ ହିଁ ମୂଲ୍ୟବାନ ଅନ୍ୟଥା ମୂଲ୍ୟହୀନ। ଅନେକ ସମୟରେ ଅଭିବ୍ୟକ୍ତିର ସ୍ୱାଧିନତାକୁ ଦ୍ୱେଶ, ଘୃଣାସୃଷ୍ଟି ଏବଂ ଅପପ୍ରଚାର ପାଇଁ ଶସ୍ତ୍ର ଭାବେ ବ୍ୟବହାର କରାଯାଉଥିବାର ଦେଖାଯାଉଛି। ଆମେ ବୁଝିବା ଉଚିତ୍ ଯେ ଗଣତନ୍ତ୍ର ପାଇଁ ଅଧିକାର ଏବଂ କର୍ତ୍ତବ୍ୟ ଉଭୟ ଆବଶ୍ୟକ। ଏ ଦୁଇଟି ମଧ୍ୟରୁ ଗୋଟିଏ ଦୁର୍ବଳ ହେଲେ ଗଣତନ୍ତ୍ରର ସଫଳ ଯାତ୍ରା ଆଧାରେ ଅଟକିଯିବ। ଏବେ ଭାରତ ବୈଶ୍ୱିକ ମଞ୍ଚରେ ମଜଭୁତ ଭୂମିକା ନିର୍ବାହ କରୁଛି, ଭାରତ ପାଇଁ ଚାଲେଞ୍ଜ ମଧ ରହିଛି। ଏବେ ସମୟ ଆସିଛି ଆମେ ସମ୍ବିଧାନକୁ ବହି ଭିତରୁ ବାହାର କରି ନିଜ ଜୀବନଶୈଳୀ ଓ ଆଚରଣରେ ଆପଣେଇବା। ନ୍ୟାୟ କେବଳ ଅଦାଲତରେ ନୁହେଁ ବରଂ ଚେତନାରୁ ସୃଷ୍ଟି ହୋଇଥାଏ। ସମାନତା ସେତେବେଳେ ସଶକ୍ତ ହୋଇପାରିବ ଯେତେବେଳେ ଭେଦଭାବ କଥାକୁ ଭାବିବା ପରିବର୍ତ୍ତେ ଅସ୍ୱୀକାର କରାଯିବ। ବନ୍ଧୁତ୍ୱ ସେତେବେଳେ ସାର୍ଥକ ଯେତେବେଳେ ଏହା ସହଭାବ ଏବଂ ସହକର୍ମରେ ଦେଖାଯାଏ। ଅଗଷ୍ଟ ୧୫ ଭଳି ପର୍ବ କେବଳ ସ୍ମରଣର ନୁହେଁ ବରଂ ସଂକଳ୍ପର ନବୀକରଣର ଅବସର ଅଟେ। ଏହି ଅବସରରେ ଆମେ ଦେଶବାସୀ/ଜନସାଧାରଣ ଏମିତି ଭାରତ ନିର୍ମାଣ ପାଇଁ ସଂକଳ୍ପ ନେବା ଯେଉଁଠି ସ୍ୱତନ୍ତ୍ରତା ଅନୁଶାସନ ସହ ଯୋଡି ହୋଇଥିବ, ସମାନତା ସଦ୍‌ଭାବନା ସହଥିବ ଏବଂ କର୍ତ୍ତବ୍ୟ ନାଗରିକର/ ଆମର ଧର୍ମ ପାଲଟିଯିବ। କାରଣ ସତ୍ୟ ହେଉଛି ଭାରତର ଭାଗ୍ୟ ସଂସଦରେ ନୁହେଁ ସବୁ ନାଗରିକଙ୍କ ମନରେ ବସିଥାଏ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ଶକ୍ତି

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଶକ୍ତି ଖୋଜରେ ଚାଲିଲେ ପଥରେ ଯାହା ଦେଖିବେ ତାହା ମଧ୍ୟରେ ଶକ୍ତି ଊଣାଅଧିକେ ରହିଛି। ଔଷଧରେ ଭିଟାମିନ। ଭିଟା ମାନେ ହିଁ ଶକ୍ତି, ଦୁର୍ବଳ ସ୍ୱାସ୍ଥ୍ୟର ବ୍ୟକ୍ତିକୁ ଡାକ୍ତର ବାବୁମାନେ ଭିଟାମିନର ବଟିକା ଟନିକ ବା ଜରୁରୀ ମନେକଲେ ଇଞ୍ଜେକ୍ସନ ଦେଇଥାନ୍ତି। ଶକ୍ତି ପାଉନାହିଁ ମାନେ, ବଳ ପାଉ ନାହିଁ। ବଳ ଅନ୍ୟ ନାମ ଶକ୍ତି। ବାଳାନାଂ ରୋଦନ ବଳମ୍। ଶିଶୁ ମାନଙ୍କର ରୋଦନ, କାନ୍ଦ ବଳ, ସେହିପରି ଦୁର୍ବଳ ଅପାରଗର ବଳ ଖୋଜରେ ଦୁର୍ବଳସ୍ୟ ବଳମ୍ ରାମା ଦୁର୍ବଳଙ୍କୁ ଦଳିତ କରି କଷ୍ଟ ଦେଇ ଅତ୍ୟାଚାର କରି ଦୁର୍ଦ୍ଦାନ୍ତ ମାନେ ଅନଧିକାରୀ ଥାଇବି ଜୁଲମକରି ତାର ସମ୍ମୁଖରେ ସମ୍ପତ୍ତି, ଧନ, ଯୌବନ ଯୁବତୀ ଝିଅ, ଲୁଣ୍ଠନ କରିବା ଭୋଗ କରିବା ଯେତେବେଳେ ଅତ୍ୟାଚାରିତ ନିଜର ଦୈହିକ ବଳରେ ସେତେବେଳେ ସେ ରାଜଶକ୍ତିର ଆଶ୍ରୟ ଲୋଡ଼େ। ପୂର୍ବେ ଜାତିପାଟକର ବ୍ୟବସ୍ଥା କଡ଼ାକଡ଼ି ଥିଲା। ଏକ ଜାତିର ବ୍ୟକ୍ତି ଅନ୍ୟ ଜାତିର କୌଣସି ବ୍ୟକ୍ତିକୁ ତାପିତ କଲେ ଏକ ଗୋଷ୍ଠୀ ଆକ୍ରମଣକାରୀର ଜାତି ସଭା ଦରବାରରେ ଫେରାଦ ହୋଇ ତାକୁ ଦଣ୍ଡିତ କରାଉଥିଲେ। କୁହାଯାଏ ଜାତି ଆଗରେ ହାତୀ ସରି ନୁହେଁ। ହାତୀର ଶକ୍ତି କେତେ ସେ ଏକ ଗୋଷ୍ଠୀ ଜନବଳ ଶକ୍ତିରେ ହାରମାନେ। ଯୋଡ଼ାକୁ ଘୋଡ଼ା ସରିନୁହେଁ। ଘୋଡ଼ାକୁ ଅଶ୍ୱ କୁହାଯାଏ, ଅଶ୍ୱଶକ୍ତି ହର୍ସ ପାଓ୍ୱାର ସଂକ୍ଷିପ୍ତରେ ଏଚ.ପି. ଯାହା ଦ୍ୱାରା ବିଦ୍ୟୁତ ମୋଟର, ଅନ୍ୟ ଯାନ୍ତ୍ରିକ ଯାନର ଶକ୍ତି ନିର୍ଦ୍ଧାରଣ କରାଯାଉଛି। ଏକ ଏଚ.ପି.-୭୪୬ ଓ୍ୱାଟ, ବିଦ୍ୟୁତ ଶକ୍ତି ଚାଲିଲେ ଖର୍ଚ୍ଚ ହୁଏ। ଏହିପରି ଏକ ଉଦଣ୍ଡା ଅଶ୍ୱକୁ ଦୁଇ ବ୍ୟକ୍ତି ମିଶିଗଲେ ଆୟତ ପାରନ୍ତି। ପୁରୁଷର ଯୌନଶକ୍ତିକୁ ଯୌବନ କାଳରେ ଦୀର୍ଘସ୍ଥାୟୀ ରଖିବା ପାଇଁ ଚିକିତ୍ସା ଶାସ୍ତ୍ରରେ ଏକ ସ୍ୱତନ୍ତ୍ର ବିଧାନ ଅଛି, ତାର ନାମ ବାଜୀ କାରଣ, ଘୋଡ଼ାର ଅନ୍ୟ ଏକ ଅର୍ଥରେ ବାଜୀ ଗ୍ରହଣ ହୁଏ।

ବାଜୀ ବାଜୀ ବା ଘୋଡ଼ାପରି ତାକତଦାର ରମଣ ଶକ୍ତି ପାଇଁ ବ୍ୟବହୃତ ରସାୟନ ବା ଔଷଧ। ରାମାୟଣରେ ଅଛି ବାନର ଯୋଦ୍ଧା ବାଳୀଙ୍କର ଥିଲା ଲକ୍ଷେ ସିଂହଙ୍କବଳ। ସିଂହ ସହ ମନୁଷ୍ୟକୁ ବିନା ଆୟୁଧରେ ଲଢ଼େଇ କରିବାକୁ ଦେଇ ଅନେକ ରାଜା ଏକ ରାକ୍ଷସୀ ଆନନ୍ଦ ଉପଭୋଗ କରୁଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଯୋଗୀର ଆତ୍ମକଥା ପୁସ୍ତକରେ ଅଛି। ଆମ ରାଜ୍ୟର ଜଣେ ବ୍ରିଟିଶକାଳର ରାଜା ଆଳିର ରାଜା ବ୍ରଜ ସୁନ୍ଦର ଦେବ ଏକ ସର୍କସ ସଂସ୍ଥା କରି କଲିକତାରେ ପ୍ରଦର୍ଶନ ବେଳେ ବଙ୍ଗାଳି ଦର୍ଶକମାନେ କହିଥିଲେ ଏ ରଜା ତାଙ୍କ ଏହି ସର୍କସର ବାଘକୁ ଅଫିମ ଖାଇବାକୁ ଦେଇ ପୋଷା ମନାଇ ଖେଳ କରୁଛନ୍ତି ସିନା କଲିକତାରେ ଥିବା ଚିଡ଼ିଆଖାନାର ବାଘ ସହ କଣ ଏପରି ଖେଳ କରିପାରିବେ ? ପରଦିନ ବଙ୍ଗାଳି ଲୋକେ ଦେଖିଲେ ସମ୍ପୃକ୍ତ ଚିଡ଼ିଆଖାନା ଏକ ରୟାଲ ବେଙ୍ଗଲ ବାଘ ଉପରେ ବସି ରାସ୍ତାରେ ବୁଲିଥିଲେ। ସେ କେତେ ଶକ୍ତିଶାଳୀ ରାଜପଥରେ ଲୋକେ ଦେଖିଲେ। ରାଜା ବ୍ରଜସୁନ୍ଦର ଦେବ ରିଙ୍ଗ ଲିଡ଼ର ହୋଇ ମେଲା ଫାଙ୍କାରେ ସାଂଘାତିକ ହିଂସ୍ର ବାଘକୁ ନେଇ ସର୍କସରେ ଖେଳ ଦେଖାଉଥିଲେ।

ସାରା ଭାରତ, ବର୍ମା. ସେ ୧୯୩୦ରୁ ୧୯୪୦ ମସିହା ଯାଏ ତାଙ୍କ ସର୍କସ ସଂସ୍ଥା ଚାଲିଥିଲା। ବାଘ ଶବ୍ଦରେ ମହାବଳ ସଂଯୋଗ ଅଛି। ବାଘଙ୍କ ଶକ୍ତି ଅପ୍ରମିତ। ମା ଅମ୍ବିକା ବାହାନ ବାଘ। କୁହାଯାଏ ବାଘ ଠାରୁ ସିଂହ ଆହୁରି ବଳବାନ, ଦୁର୍ଗାଙ୍କ ବାହାନ ଦୁର୍ଗା। ଏବେ ସହର ମାନଙ୍କରେ ବହୁଳ ଜନ ପଦରେ ଦୁର୍ଗା ପୂଜା। କିନ୍ତୁ ପ୍ରକୃତରେ ସେ ବନରେ ପ୍ରପୂଜିତା ବନଦୁର୍ଗା। ସୁରଥ ରାଜା ମେଧାସ ଋଷିଙ୍କ ଶକ୍ତ ଦୀକ୍ଷା ଉପଦେଶରୁ ହୃତ ରାଜ୍ୟ ଫେରି ପାଇବା ପରେ ତାଙ୍କ ରାଜଧାନୀରେ ସିଂହ ବାହିନୀ ଦୁର୍ଗା ଆରମ୍ଭ କରିଥିଲେ। ଅଭଙ୍ଗ ବଙ୍ଗ ରାଜ୍ୟରେ ପ୍ରଖ୍ୟାତ ଜମିଦାର ସାବର୍ଣ୍ଣ ଚୌଧୁରୀ ମହୋଦୟ ବଙ୍ଗ ରାଜ୍ୟର ମୃଣ୍ମୟୀମୂର୍ତ୍ତିର ଦୁର୍ଗାପୂଜା ଉତ୍ତମ କୁମ୍ଭାର ମୂର୍ତ୍ତି କାରିଗରଙ୍କ ଦ୍ୱାରା ତୟାର କରିଥିଲେ। ଏହା ଶକ୍ତି ଉପାସନାରେ ଏକ ମୂର୍ତ୍ତି ଆଧାରର ଏକାଂଶ। ଆମ ଜଗନ୍ନାଥ ମନ୍ଦିର ସହ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ଇତିହାସ ଜଡ଼ିତ। ଭକ୍ତ ପାଇଁ ଭଗବାନ ଯୁଦ୍ଧ ଯାତ୍ରାରେ ଦୈବୀ ଶକ୍ତି ଅର୍ପଣ କରନ୍ତି ତାର ପ୍ରମାଣ ରହିଯାଇଛି। ମାଣିକ ଗୋପାଳୁଣୀ ପ୍ରଭୁଙ୍କ ରତ୍ନ ମୁଦି ଦଧି ପାତ୍ରରେ ପଡ଼ିଥିବା ସେ ରତ୍ନମୁଦିରେ ପ୍ରଭୁଙ୍କର ରୂପାଙ୍କିତ ସେ ମୁଦିର ସ୍ମୃତି ପରକାଳରେ ଭକ୍ତର ରକ୍ଷକ ଦଧି ବାମନ ରୂପେ ଭକ୍ତଙ୍କ ଘରେ ଘରେ ଉପାସନା।

ଜଣେ ଗୋପାଳୁଣୀର ସେବା ମୁଗ୍ଧରେ ତାର ଦରିଦ୍ରତାକୁ ଲୋପକରି ତାକୁ ଏକ ପାଟଣାର ଜମିଦାରୀ ପ୍ରଦାନ କେମିତି ପ୍ରଭୁ କରିପାରନ୍ତି ତାହା ନିଷ୍ଠା ସେବା ଭକ୍ତି ସମ୍ଭବ ହୋଇପାରେ ତାର ନଜିର ରଖିଛନ୍ତି। ରାଜା ଜିତିଛନ୍ତି, ମାନ, ସଂକଳ୍ପ ରକ୍ଷା ପ୍ରଭୁଙ୍କ ଶକ୍ତିରେ ହୋଇଛି ତାର ଉଦାହରଣ ରହିଯାଇଛି। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ନାମଶକ୍ତି ଲୋକେ ଜାଣିଲେ ସେତେବେଳେ ପଞ୍ଚ ଶଖାଙ୍କ ପ୍ରକଟ କାଳ ଭକ୍ତିରେ କେମିତି ଭଗବାନ ବଶ ହୋଇପାନ୍ତି ଶାସ୍ତ୍ର ଗୁଡ଼ିକୁ କ୍ଲିଷ୍ଟରୁ ସରଳରେ ଲୋକଙ୍କୁ ବୁଝାଇ ଧର୍ମ ମାର୍ଗରେ ଜୀବନ ନିର୍ବାହ କରିହେବ ଏସବୁ ରାଜାଙ୍କ ଆନୁଗତ୍ୟ ପୃଷ୍ଠ ପୋଷକରୁ ପ୍ରସ୍ତୁତ ବହୁତ ଗ୍ରନ୍ଥ ଏବେ ବି ଉପଲବ୍ଧ। ଗ୍ରନ୍ଥ ଏକ ବିଶେଷ ଶକ୍ତି ଯେ ଅଜ୍ଞାନ ତିମିର ପାଠକଙ୍କର ଅପସାରଣ କରାଏ। କାହିଁ କାଳରୁ ଆଦିଗ୍ରନ୍ଥ ବେଦ ସନାତନ ଆର୍ଯ୍ୟ ଜାତିର ଶକ୍ତି ସମ୍ବିଧାନ। ଚୈତନ୍ୟଙ୍କ ମାର୍ଗରେ ପରେ ପରେ , ଦିବ୍ୟଗୁରୁ ରାଧାରମଣ ଦେବ ତାଙ୍କ ପରେ ନାମାଚାର୍ଯ୍ୟ ବାୟାବାବା ନାମଶକ୍ତି କଣ ଜନ ସମୂହରେ ପ୍ରଚାର କରି ଆଜି ଚିର ସ୍ମରଣୀୟ। ଏ ଯୁଗର ନାମ କଳି, କଥାକଥାକେ କଳି ଘରେ ଘରେ କଳି ସବୁ ସ୍ତରରେ କଳିଏହାର ପ୍ରତିକାରର ଏକବାଟ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ନାମ ଜପ ନିତ୍ୟର ଏକ ବାଟ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ନାମ ଜପ ନିତ୍ୟ ସଂସାର କର୍ମ ସହିତ ଜଡ଼ିତ ରଖବାକୁ ପଡ଼ିବ। ସର୍ବାଧାର ସୂର୍ଯ୍ୟ, ଶାସ୍ତ୍ରରେ ଅଛି ସର୍ଯ୍ୟଙ୍କ ଜନ୍ମ କଳିଙ୍ଗଦେଶ, ଅତ୍ୟନ୍ତ ବିଚାର ବିଷୟ ସେ ଜଣେ ଓଡ଼ିଶାବାସୀ ଓଡ଼ିଆ,ହେଲେ ଅନେକ ବଡ଼, ତାଙ୍କର ବିନା ପୃଥିବୀ କଣ ଅନ୍ୟ ଗ୍ରହ ମାନେ ବି ଅଥର୍ବ। ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ପୁତ୍ରଙ୍କୁ କୁଷ୍ଠ ରୋଗ ଧରିଲା ସେ ବହୁତ ଜ୍ଞାନୀ ପରାମର୍ଶ କରି ସିଦ୍ଧାନ୍ତରେ ପହଞ୍ଚି ମଗ ବ୍ରହ୍ମଣ ମାନଙ୍କୁ ସୂର୍ଯ୍ୟ ଆରାଧନା ପାଇଁ ଅର୍କ କ୍ଷେତ୍ରର ମୈତ୍ରେୟ ବନକୁ ପଠାଇ ଥିଲେ ଉପାସନା ସଫଳ ହୋଇଥିଲା ଶାମ୍ବ ସୁସ୍ଥ ହୋଇ ଦ୍ୱାରିକା ଫେରିଥିଲେ।

ଏବେ ବି ଓଡ଼ିଶାରେ ଶାମ୍ବ ଦଶମୀ ପୂଜା ମାଆ ମାନେ ତାଙ୍କ ପିଲାଙ୍କ ଆରୋଗ୍ୟ କାମନା କରି ବାଇଗଣ ପତ୍ରରେ ସକାର ସହ ପିଠା ଅନ୍ନ ସୂର୍ଯ୍ୟଙ୍କୁ ଅର୍ପଣ କରୁଛନ୍ତି। ସୂର୍ଯ୍ୟ ବଡ଼ ଜମିଦାର ତାଙ୍କ ଜମିଦାରୀରେ ପୃଥିବୀରେ ସର୍ବେ ବାସିନ୍ଦା ତାଙ୍କର ପ୍ରଭାତ ଗସ୍ତ ଆରମ୍ଭ କାଳରେ ସମସ୍ତଙ୍କୁ ଜାଗ୍ରତ ସେ ସଂଦର୍ଶନ କରିବାକୁ ଚାହାଁନ୍ତି। ଯେ ଜାଗ୍ରତ ହୋଇ ତାଙ୍କୁ ଦୃଷ୍ଟି ଶକ୍ତିରେ ନ ଦେଖେ ଶରୀର ସକାଳ କିରଣରେ ସୂର୍ଯ୍ୟ ସ୍ନାନ ନକରେ, ଜମିଦାରୀ କୋପ ଆରମ୍ଭ କାହୁଁ ରୋଗ ବ୍ୟକ୍ତିଶରୀରରେ ଆକ୍ରମଣ କରେ। ଏପରି ମାଗଣା ରୋଗ ଅରୋଗ୍ୟକାର ବୈଦ୍ୟ କାହୁଁ ମିଳିବେ, ସମସ୍ତ ଖାଇବା ପିଇବା ଠାରୁ ଜୀବଜଗତର ସମସ୍ତ ମଙ୍ଗଳ କରବା ତାଙ୍କର କାମ। ଆଜି ମନୁଷ୍ୟ ସୋଲାର ବିଦ୍ୟୁତ ପାଇଁ ପୁଣି ତାଙ୍କ ଦାନ ପାଇଁ ପାର୍ଥି ହେଲେଣି। ସାମ୍ୟବାଦୀ ନୀତି ସଂସାରରେ ସମସ୍ତଙ୍କ ପାଇଁ ଏକ ପ୍ରକାର କରୁଣା ହିଁ ଦେଉଛନ୍ତି। ସେ ମହାଶକ୍ତି। ତାଙ୍କର ଶିଷ୍ୟ ମହାବଳୀ ହନୁମାନ ଯେ ଚାରିଯୁଗରେ ପ୍ରତାପୀ ସେ ତାଙ୍କ ସତ୍ୟ ଉପାସକଙ୍କୁ କେବେ ହତାଶ କରନ୍ତି ନାହିଁ। ଆହୁରି ଅନେକ ଶକ୍ତି ଅଗ୍ନି ବାୟୁ ଜଳ ଆକାଶ ପୃଥିବୀ ଏ ମହାଭୂତମାନେ ଆଦିଶକ୍ତି। ନିଜର ବାପା ମା ଏମାନେ ଶକ୍ତି ପ୍ରତ୍ୟେକଙ୍କ ଗୁରୁଶକ୍ତି, ପ୍ରତ୍ୟକଙ୍କ ପୁରୁଷୀ ଶକ୍ତି ଅଛି। ଯାହା ଶକ୍ତି ରେସେମାନେ ଶକ୍ତିବନ୍ତୁ ପୌରୁଷ ପ୍ରକାଶକାରୀ ହେଉଛନ୍ତି। ବିଷ୍ଣୁଙ୍କ ବୈଷ୍ଣବୀ ଶକ୍ତି, ମହେଶ୍ୱରଙ୍କ ମାହେଶ୍ୱରୀ, କୁମାରଙ୍କ କୌମାରୀ, ବରାହଙ୍କ ବାରାହୀ, ନୃସିଂହଙ୍କ ନାରସିଂହୀ , ବ୍ରହ୍ମାଙ୍କ ବ୍ରାହ୍ମଣୀ, ଇନ୍ଦ୍ରଙ୍କ ଐନ୍ଦ୍ରୀ ଶକ୍ତି।

ଆମ ମାନଙ୍କ ଗ୍ରାମ ମାନଙ୍କରେ ସର୍ବତ୍ର ଶକ୍ତି ପୀଠ ଗ୍ରାମଦେବତୀ ଅସ୍ଥାନ ଏହାଙ୍କ ମାର୍ଜନା ଆଜ୍ଞାମାଳ ବିନା ଗୃହାରମ୍ଭ ଗୃହ ପ୍ରତିଷ୍ଠା, ବ୍ରତ ବିବାହ ମଙ୍ଗଳକୃତ୍ୟ କେବେ ହେଉନାହିଁ। ଏହାକୁ କେହି ଅଣଦେଖା କରିବା ଉଚିତ ନୁହେଁ। ଗୋମାତା ଏକ ଶକ୍ତି, ସେ କାମଧେନୁଙ୍କ ନନ୍ଦିନୀ ଗୋପାଳକ ଘରେ ଅଭାବ ନଥାଏ। ଗୋପଗୋପୀ ଗୋପାଳ ଗୋବିନ୍ଦ ଗୋବର୍ଦ୍ଧନ ଏସବୁ ଶବ୍ଦରେ ପ୍ରଥମେ ଗୋ ଶବ୍ଦ ଉଚ୍ଚାରିତ ଏ ପାଇଁ ଏମାନେ ଶକ୍ତିମାନ। ଏ ନାମ ଧରିଲେ ଅନେକ ପୁଣ୍ୟ ହୁଏ। ଗାଈର ପୁଅ କ୍ଲିବ ହୋଇ ହଉ, ବଳଦ ଯେ କୃଷି କାର୍ଯ୍ୟରେ କୃଷକଙ୍କୁ ବଳଦ ଦିଅନ୍ତି। କୃଷକ ଘରେ କେତେ ହଳ ବଳଦରେ ତାଙ୍କ ଅଭିଜାତ୍ୟ ପ୍ରକାଶ ବେଳେ ରାଜଘରେ କେତେ ହାତୀ ସେଥିରେ ତାଙ୍କ ଆଭିଜାତ୍ୟ ପ୍ରକାଶ ହେଉଥିଲା। ପଶୁମାନେ ବି ମାନବର ଏକ ବିଶେଷ ଶକ୍ତି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ସ୍ତମ୍ଭକାରଙ୍କ ପକ୍ଷ ଛେଦନ



ବିଷ୍ଣୁ ପ୍ରସାଦ ଦାସ

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଦାୟିତ୍ୱ କେବଳ ଖବର ପ୍ରକାଶ କରିବାରେ ସୀମିତ ନୁହେଁ । ସମାଜର ଅନ୍ଧକାର କୋଣକୁ ଆଲୋକିତ କରିବା, ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା, ଲୋକଙ୍କ ଚିନ୍ତାଧାରାକୁ ଜାଗ୍ରତ କରିବା ଏବଂ ସତ୍ୟକୁ ସାହସର ସହିତ ସାମ୍ନାକୁ ଆଣିବା ମଧ ଏହାର ପ୍ରମୁଖ ଦାୟିତ୍ୱ । ଏହି କାର୍ଯ୍ୟରେ ସ୍ତମ୍ଭକାର, ଲେଖକ ଏବଂ ସାମାଜିକ ଚିନ୍ତକମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ଏକ ଭଲ ସ୍ତମ୍ଭ କେବଳ କିଛି ଶବ୍ଦର ସମାହାର ନୁହେଁ; ଏହା ଜଣେ ଲେଖକଙ୍କ ଅନୁଭବ, ଚିନ୍ତା, ବିବେକ ତଥା ସମାଜ ପ୍ରତି ଦାୟିତ୍ୱବୋଧର ପ୍ରତିଫଳନ । ଏକ ସତ୍ୟନିଷ୍ଠ ଲେଖା ଜଣେ ପାଠକଙ୍କ ଚିନ୍ତାଧାରା ବଦଳାଇ ପାରେ, ଏକ ପରିବାରକୁ ପ୍ରଭାବିତ କରିପାରେ, ଏପରିକି ସମାଜରେ ପରିବର୍ତ୍ତନର ଆଧାର ହୋଇପାରେ, ସରକାରଙ୍କୁ ସକାରାତ୍ମକ ସନ୍ଦେଶ ଦେଇପାରେ । ତେବେ ଅନେକ କ୍ଷେତ୍ରରେ ପ୍ରଶ୍ନ ଉଠେ....ଏହି ଲେଖକମାନଙ୍କ ପ୍ରତି ସମ୍ବାଦପତ୍ର ମାନଙ୍କର ଆଚରଣ କେତେ ନ୍ୟାୟସଙ୍ଗତ ? ଦୁଃଖର ବିଷୟ, କେତେକ ସମ୍ପାଦକଙ୍କ ନିକଟରେ ଲେଖାର ଗୁଣ ଅପେକ୍ଷା ଲେଖକଙ୍କ ପରିଚୟ, ସମ୍ପର୍କ, ପ୍ରଭାବ ଏବଂ ବ୍ୟକ୍ତିଗତ ପସନ୍ଦ ଅଧିକ ଗୁରୁତ୍ୱ ପାଉଥିବା ଅଭିଯୋଗ ଶୁଣିବାକୁ ମିଳେ । କେହି କେହି ନିଜର ପଦ ମର୍ଯ୍ୟାଦା ତଥା ସମ୍ପାଦକୀୟ କ୍ଷମତାକୁ ଏପରି ଭାବରେ ବ୍ୟବହାର କରନ୍ତି, ଯେପରି ସମ୍ବାଦପତ୍ର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ନିର୍ଦ୍ଦେଶରେ ପରିଚାଳିତ । ନୂଆ କିମ୍ବା ଅପରିଚିତ ଲେଖକଙ୍କ ଭଲ ଲେଖା ଅବହେଳିତ ହୁଏ, ଆଉ ପରିଚିତ ଲେଖକଙ୍କ ସାଧାରଣ ଲେଖାକୁ ମଧ ସହଜରେ ସମ୍ପାଦକୀୟ ପୃଷ୍ଠାରେ ସ୍ଥାନ ମିଳିଯାଏ । ଏହା କେବଳ ଜଣେ ଲେଖକଙ୍କ ପ୍ରତି ଅନ୍ୟାୟ ନୁହେଁ; ଏହା ପାଠକଙ୍କ ପ୍ରତି ମଧ ଅନ୍ୟାୟ । କାରଣ, ଜଣେ ଲେଖକଙ୍କୁ ବାରମ୍ବାର ଅବହେଳା କରିବା ତାଙ୍କ ଲେଖନୀକୁ ଉପହାସ କରିବା ସଦୃଶ । ତାଙ୍କ ମନରେ ଥିବା ପ୍ରଶ୍ନ, ପ୍ରତିବାଦ, ସ୍ୱପ୍ନ ଏବଂ ସମାଜ ପାଇଁ କିଛି କହିବାର ଇଚ୍ଛା ଧୀରେ ଧୀରେ ନିରବ ହୋଇଯାଏ । ଏହା ହିଁ ଜଣେ ସ୍ତମ୍ଭକାରଙ୍କର ପକ୍ଷଛେଦନ । 'ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ'....ଏହି ପୁରୁଣା ମାନସିକତାରୁ ଗଣମାଧ୍ୟମକୁ ମୁକ୍ତ ହେବାକୁ ପଡ଼ିବ । ଯୋଗ୍ୟତାର ମାପଦଣ୍ଡ ସମସ୍ତଙ୍କ ପାଇଁ ସମାନ ହେଉ । ସମ୍ପାଦକଙ୍କ ନିଜସ୍ୱ ପସନ୍ଦ ଥାଇ ପାରେ, କିନ୍ତୁ ସମ୍ପାଦକୀୟ ନିଷ୍ପତ୍ତିରେ ପକ୍ଷପାତିତାର ସ୍ଥାନ ରହିବା ଉଚିତ ନୁହେଁ ।

ସମ୍ପାଦକ ମାନଙ୍କୁ ତୃଣମୂଳ ସ୍ତରକୁ ଯିବାକୁ ହେବ। ଗାଁ, ସହର, ଯୁବପିଢ଼ି ଏବଂ ସାଧାରଣ ଲୋକଙ୍କ ମଧ୍ୟରୁ ନୂଆ ପ୍ରତିଭା ଖୋଜିବାକୁ ହେବ। ଜଣେ ଲେଖକଙ୍କ ନାମ ନୁହେଁ, ତାଙ୍କ ଲେଖା ଆଦୃତି ଲାଭ କରୁ... ଏହା ହିଁ ଏକ ସୁସ୍ଥ ଗଣମାଧ୍ୟମର ପରିଚୟ । ସମ୍ପାଦକଙ୍କ ଗୋଟିଏ 'ନା' ଜଣେ ଲେଖକଙ୍କ କଲମକୁ ଚିରଦିନ ପାଇଁ ନିରବ କରିପାରେ; ଆଉ ଗୋଟିଏ 'ସୁଯୋଗ' ତାଙ୍କ ମନରେ ନୂଆ ସୂର୍ଯ୍ୟୋଦୟ ଆଣିପାରେ । ତେଣୁ ପ୍ରିୟାପ୍ରୀତି ତୋଷଣ ନୁହେଁ, ପ୍ରତିଭାର ସମ୍ମାନ ହେଉ । ପରିଚୟ ନୁହେଁ, ଯୋଗ୍ୟତା ହେଉ ମାପକାଠି । ତେବେ ହିଁ ପାଠକଙ୍କ ବିଶ୍ୱାସ ଗଣମାଧ୍ୟମ ଉପରେ ଅତୁଟ ରହିବ ଏବଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାହାର ପ୍ରକୃତ ମର୍ଯ୍ୟାଦା ଏବଂ ଦାୟିତ୍ୱକୁ ରକ୍ଷା କରି ପାରିବ ।

ବନ୍ଦେ ଉତ୍କଳ ଜନନୀ
ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯

ଷୋଳଘର କ୍ଲଷ୍ଟରରେ 'ଉଲ୍ଲାସ' ପ୍ରମାଣପତ୍ର ବଣ୍ଟନ

ବୟସ ନୁହେଁ ବାଧକ-ଶିକ୍ଷା ଦେଲା ନୂଆ ପରିଚୟ

ପୁରୁଷୋତ୍ତମପୁର,(ପ୍ରତିଶବ୍ଦ) : ଶିକ୍ଷା ହେଉଛି ଜୀବନର ଆଲୋକ। ବୟସ ଯେତେ ବଢ଼ିଲେ ମଧ୍ୟ ଶିକ୍ଷା ଗ୍ରହଣର ଇଚ୍ଛା ଥିଲେ ନୂଆ ଭାବେ ଜୀବନ ଆରମ୍ଭ କରିହୁଏ। ଏହି ବାର୍ତ୍ତାକୁ ସାକାର କରିଛି ଭାରତ ସରକାରଙ୍କ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ)। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ଷୋଳଘର କ୍ଲଷ୍ଟରର ହିଣ୍ଡୁଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଲ୍ଲାସ ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାର ଆଲୋକ ଯେତେ ଅଧିକ ଲୋକଙ୍କ ଜୀବନରେ ପହଞ୍ଚିବ, ସମାଜ ସେତେ ଅଧିକ ସଶକ୍ତ ହେବ ଉଲ୍ଲାସ କାର୍ଯ୍ୟକ୍ରମ ଏହାର ଏକ ସୁନ୍ଦର ଉଦାହରଣ। କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଭକ୍ତ ବତ୍ସଳ ଜାନୀ ଯୋଗଦେଇ ସଫଳ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ଆଞ୍ଚଳିକ ଶିକ୍ଷା ସାଧନ ସଂଯୋଜକ ଶ୍ରୀ ପ୍ରତାପ ଚନ୍ଦ୍ର ପଣ୍ଡା, ହିଣ୍ଡୁଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସଦାନନ୍ଦ ବସନ୍ତିଆ ଏବଂ ଷୋଳଘର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବିଜୟ ବେହେରାଙ୍କ ସମେତ ୧୮ ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ପ୍ରାପ୍ତବୟସ୍କ ଅସାକ୍ଷର ଶିକ୍ଷାର୍ଥୀଙ୍କ ପାଇଁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀମାନେ ମୌଳିକ ପଠନ, ଲିଖନ ଓ ଗଣିତ ଦକ୍ଷତା ହାସଲ କରିଥିବାରୁ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଧିକାରୀ ଓ ଶିକ୍ଷକମାନେ ଶିକ୍ଷାର କୌଣସି ବୟସ ନଥିବା ଏବଂ ନିରନ୍ତର ଶିକ୍ଷା ମାଧ୍ୟମରେ ବ୍ୟକ୍ତି ଓ ସମାଜର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ହିଣ୍ଡୁଳା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା ସର୍ଭେୟର ଶ୍ରୀ ତପୁ ସିଂ ପରିଚାଳନା କରିଥିଲେ।

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ପରିବର୍ତ୍ତନକୁ ବିରୋଧ

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଜେୟୁ ଗଞ୍ଜାମ ଜିଲ୍ଲା ଶାଖାର ଦାବିପତ୍ର

ଛତ୍ରପୁର,(ପ୍ରତିଶବ୍ଦ) : ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରିବା ପ୍ରକ୍ରିୟାକୁ ବିରୋଧ କରିଛି ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ଗଞ୍ଜାମ ଜିଲ୍ଲା ଶାଖା। ଏନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳ ଅନୁପସ୍ଥିତ ରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକ ଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାର ନିଜସ୍ୱ ସୁବିଧା ରହିଛି। ଏହି ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନା ସହ ପରିବର୍ତ୍ତିତ କରାଯିବା ନେଇ ଖବର ପ୍ରକାଶ ପାଇବା ପରେ ସାମ୍ବାଦିକ ମହଲରେ ଅସନ୍ତୋଷ

ଦେଖାଦେଇଛି। ତେଣୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ୍ ସ୍ୱତନ୍ତ୍ର ଭାବେ ଜାରି ରଖିବା ସହିତ ଏଥିରେ ସାମ୍ବାଦିକମାନଙ୍କ ପିତାମାତାଙ୍କୁ ମଧ୍ୟ ସାମିଲ କରାଯାଉ ବୋଲି ଓଜେୟୁ ଗଞ୍ଜାମ ଜିଲ୍ଲା ଶାଖା ଦାବି କରିଛି। ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ଜଡ଼ିତ ଏହି ଯୋଜନା ସମ୍ପର୍କରେ ସରକାର ଶୀଘ୍ର ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ନିଷ୍ପତ୍ତି ନେବାକୁ ସଂଘ ଦାବି ଜଣାଇଛି। ଏହାସହ ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ଓଜେୟୁ ପକ୍ଷରୁ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ଓଜେୟୁ ଗଞ୍ଜାମ ଜିଲ୍ଲା ଶାଖାର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଉପସଭାପତି ପ୍ରଶାନ୍ତ କୁମାର ମହାରଣା ଓ ସରୋଜ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶିବ ପ୍ରସାଦ ସାହୁ, ରାଜ୍ୟ ଆବାହିକା ବିଜୟ ଲକ୍ଷ୍ମୀ ମହାକୁଡ, ସାମ୍ବାଦିକ ଶବର ତରାଇ, ସରୋଜ ସାମଲ, ବିଦ୍ୟାଧର ସାହୁ, ବଟକୃଷ୍ଣ ରାଉଳ, ରାକେଶ ରଞ୍ଜନ ଦାଶ, ସରୋଜ କୁମାର ପଟ୍ଟନାୟକ, ଦିଲ୍ଲୀପ କୁମାର ସାମଲ, ସନ୍ତୋଷ ସାହୁ,ଭଗବାନ ଦାଶ,ସୁଜୟ ସୁ ପ୍ରକାଶ ଧଳ, ପ୍ରଦୀପ କୁମାର ସାହୁ,ଦ୍ୱାରକା ପ୍ରସାଦ ପଟ୍ଟନାୟକ, କିଶୋର ଚନ୍ଦ୍ର ମହାନ୍ତି, ଗୌର ପ୍ରସାଦ ମହାପାତ୍ର, କେ. ରମେଶ, ଜିତେନ୍ଦ୍ର ନାୟକ, ଭାସ୍କର ବେହେରା ଓ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଙ୍କ ସମେତ ଜିଲ୍ଲାର ବହୁ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ଖଲ୍ଲିକୋଟ,(ପ୍ରତିଶବ୍ଦ) : ଏକକ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେସନ (ଋଞଉ) ବିଭାଗର ଛାତ୍ରଛାତ୍ରୀ ବଡ଼ଧରଣର ସଫଳତା ଅର୍ଜନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଏହି ବିଭାଗର ମୋଟ ତିରିଶ ଜଣ ଛାତ୍ରଛାତ୍ରୀ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ବିଶ୍ୱଜିତ ସାହୁଙ୍କ ମାର୍ଗଦର୍ଶନ ତଥା ଅଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ଶ୍ରୀଯୁକ୍ତ ରାମଚନ୍ଦ୍ର ସ୍ୱାଇଁଙ୍କ ସହଯୋଗରେ ରୋବୋଟିକ୍ସ ବିଷୟରେ ସ୍ୱତନ୍ତ୍ର କୌଶଳ ଓ ଦକ୍ଷତା ଅର୍ଜନ କରି ବିଭିନ୍ନ ସରକାରୀ ବିଦ୍ୟାଳୟରେ ରୋବୋଟିକ୍ସ ପ୍ରଶିକ୍ଷକ ଭାବରେ ନିଯୁକ୍ତି ଲାଭ କରିଛନ୍ତି । ଏହି ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟନାୟକ, କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକ ପ୍ରମୁଖ ସନ୍ତୋଷ ବ୍ୟକ୍ତ କରିବା ସହ ନବନିଯୁକ୍ତ ସମସ୍ତ ଛାତ୍ରଛାତ୍ରୀ ତଥା ବିଭାଗର ଅଧ୍ୟାପକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ବେକରେ ଶାଢ଼ୀ ଗୁଡ଼ାଇ ଯୁବକର ଆତ୍ମହତ୍ୟା

ବାରିପଦା, (ପ୍ରତିଶବ୍ଦ) : ଦିନକୁ ଦିନ ଯୁବ ମହଲରେ ଅବସାଦ ଓ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି ଯାହାକି ସାମାଜିକ କର୍ମି ମହଲରେ ଚିନ୍ତାର ବିଷୟ ପାଲଟିଛି । ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ତିରିଂ ଥାନା ଅଞ୍ଚଳର ଦୁବୁଲାବେଡା ଗ୍ରାମର ବାଦଲ ପାତ୍ରଙ୍କ ରୋଜଗାରିଆ ୨୪ ବର୍ଷୀୟ ଭେଣ୍ଡିଆ ପୁଅ ସାଧୁ ପାତ୍ର ସୋମବାର ରାତିରେ ନିଜ ଘରେ ମାନସିକ ଭାରସାମ୍ୟ ହରାଇ ବେକରେ ଶାଢ଼ୀ ଗୁଡ଼ାଇ ଆତ୍ମହତ୍ୟା କରିଥିବା ର ଅଭିଯୋଗ ହୋଇଛି । ଖବର ପାଇ ତିରିଂ ପୋଲିସ ମୃତକକୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲକୁ ଆଣିଥିଲେ । ଡାକ୍ତର ମୃତ ଘୋଷଣା କରିଥିଲେ ।ଭେଣ୍ଡିଆ ପୁଅ ସାଧୁ ପାତ୍ର କେଉଁ ପରିସ୍ଥିତିରେ ନିଜର ଅମୂଲ୍ୟ ଜୀବନକୁ ହରାଇଲା ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରାଇ ଆଜି ମଙ୍ଗଳବାର ଦିନ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ସାଧୁର ମୃତ୍ୟୁକୁ ନେଇ ଗାଁରେ ଶୋକରେ ଛାୟା ଖେଳିଯାଇଛି ।

ଏସଆଇଆରରେ ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇବା ପାଇଁ ସର୍ବଦଳୀୟ ବୈଠକ

ଛତ୍ରପୁର,(ପ୍ରତିଶବ୍ଦ) : ସ୍ୱତନ୍ତ୍ର ସଘନ ସଂଶୋଧନ –୨୦୨୬ ର ସଂଶୋଧିତ କାର୍ଯ୍ୟସୂଚୀ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛତ୍ରପୁର ସ୍ଥିତ ସଦଭାବନା ସମ୍ମିଳନୀ କକ୍ଷ ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ରାଜନୈତିକ ଦଳମାନଙ୍କର ଏସ ଆଇ ଆର କାର୍ଯ୍ୟକ୍ରମରେ ସହଯୋଗ ଯୋଗୁଁ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ଏସ ଆଇ ଆର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଆସିଛି। ଏଥିପାଇଁ ଶ୍ରୀ ପଣ୍ଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି। ବୈଠକରେ ଏସ ଆଇ ଆର ପ୍ରକ୍ରିୟାରେ ଦାବି ଓ ଆପତ୍ତି ଗ୍ରହଣ ଏବଂ ଏହାର ଫଇସଲା ପ୍ରକ୍ରିୟାର ସମୀକ୍ଷା କରାଯାଇଥିଲା। ସଂଶୋଧିତ କାର୍ଯ୍ୟସୂଚୀ

ଅନୁଯାୟୀ, ଦାବି ଓ ଆପତ୍ତି ଦାଖଲର ଅବଧି ୦୫.୦୭.୨୦୨୬ରୁ ୧୯.୦୮.୨୦୨୬ ପର୍ଯ୍ୟନ୍ତ ରହିଛି। ଦାବି ଓ ଆପତ୍ତିର ଫଇସଲା ସମ୍ପର୍କିତ ନୋଟିସ୍ ପର୍ଯ୍ୟାୟ ୦୫.୦୭.୨୦୨୬ରୁ ୧୭.୦୯.୨୦୨୬ ପର୍ଯ୍ୟନ୍ତ ଚାଲିବ। ଚୂଡ଼ାନ୍ତ ମତଦାତା ତାଲିକା ୨୧.୦୯.୨୦୨୬ରେ ପ୍ରକାଶ ପାଇବ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥାପନ କରିଥିବା ବିଭିନ୍ନ ପ୍ରସଙ୍ଗ ଓ ପରାମର୍ଶ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ବୈଠକରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଏବଂ ଡେପୁଟି କଲେକ୍ଟର ଡ଼ଃ ଅରୁଣ କୁମାର ଖଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏନ୍. ଗଙ୍ଗାଧର ରେଡ୍ଡୀ, ଭି. ମଙ୍ଗଳେଶ୍ୱର ରାଓ, ଲକ୍ଷ୍ମୀ ନାରାୟଣ ପଣ୍ଡା, କାଳିଆ ରାଉଳ, ଭଗବାନ ଗନ୍ତାୟତ ଓ ଯୁବରାଜ ବେହେରା ଉପସ୍ଥିତ ଥିଲେ।

ସଡ଼କ, ସ୍ୱାସ୍ଥ୍ୟ ସୁରକ୍ଷା ଓ 'ସାଇବର ସୁରକ୍ଷା' ସଚେତନତା ଅଭିଯାନ

ଯାଜପୁର,(ପ୍ରତିଶବ୍ଦ) : ସ୍ଥାନୀୟ ଜନସାଧାରଣ, ଗାଡ଼ି ଚାଳକ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ମୌସୁମୀ ସମୟରେ ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ସାଇବର ସୁରକ୍ଷା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର ସୁରକ୍ଷା ବିଭାଗ ଏବଂ କଳିଙ୍ଗନଗର ପୁଲିସ୍‌ର ମିଳିତ ଆନୁକୂଲ୍ୟରେ ଏକ ତିନିଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ଡୁବୁରୀସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗର ର ମୁଖ୍ୟ ଫାଟକ ନଂ–୧ ନିକଟରେ 'ମୌସୁମୀ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା' ଏବଂ 'ସାଇବର ସୁରକ୍ଷା' ଶୀର୍ଷକରେ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ, ଟିଏସ୍‌କେ ଚିଫ୍ କୋର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ସଂସ୍ଥାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରବଳ ବର୍ଷା ଯୋଗୁଁ ରାସ୍ତାଘାଟର ଖରାପ ଅବସ୍ଥା ହେତୁ ସୃଷ୍ଟି ହେଉଥିବା ବିପଦକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ମୌସୁମୀ ଫଳରେ ଉପୁଜୁଥିବା ସମସ୍ୟାର ମୁକାବିଲା, ସଡ଼କ ସୁରକ୍ଷା ନିୟମ ପାଳନ, ସ୍ୱାସ୍ଥ୍ୟ ସଚେତନତା ସହ ବର୍ତ୍ତମାନର ପ୍ରମୁଖ ସମସ୍ୟା ପାଲଟିଥିବା ସାଇବର ସୁରକ୍ଷା ପ୍ରତି ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଚାରିଚକିଆ ଯାନ ଚାଳକମାନଙ୍କୁ ସିଟ୍‌ବେଲ୍ଟ ବାନ୍ଧିବା ଏବଂ ଦୁଇଚକିଆ ଯାନ ଚାଳକ ଓ ପଛରେ ବସୁଥିବା ବ୍ୟକ୍ତିଙ୍କୁ ହେଲମେଟ୍ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିସହ ସଡ଼କ ଓ ସାଇବର ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଲିଫ୍‌ଲେଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବର୍ଷା ଦିନେ ଗାଡ଼ି ଚାଳନାର ସୁରକ୍ଷା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

ସ୍ୱଚ୍ଛତା ସହ ଦେଶପ୍ରେମର ବାର୍ତ୍ତା ଦେଲା 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନ

ବ୍ରହ୍ମପୁର,(ପ୍ରତିଶବ୍ଦ) : ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଦେଶପ୍ରେମର ଭାବନାକୁ ଏକାଠି ନେଇ ବ୍ରହ୍ମପୁର ସହରରେ ଆଜି 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଫୁଲସୁନ୍ଦରୀ ସାହି ଓ ନେଳିଆ ବନ୍ଧ ଅଞ୍ଚଳରେ ଆୟୋଜିତ ଏହି ସ୍ୱଚ୍ଛତା ଅଭିଯାନରେ ପ୍ରଶାସନ ସହ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ନିଜେ ସ୍ୱଚ୍ଛତା ସେବାରେ ସାମିଲ ହୋଇ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ୍ ?ମୁକ୍ତ ପରିବେଶ ଗଠନ ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଆହ୍ୱାନ କରିଥିଲେ। ସ୍ୱଚ୍ଛତା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ସେ ବାର୍ତ୍ତା ଦେଇଥିଲେ। ଅଭିଯାନରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଆକବରମ୍ ସସ୍ୟା ରେଡ୍ଡୀ, ଭାରତୀୟ ପ୍ରଶାସନିକ ସେବାର ଶିକ୍ଷାନବୀସ ସରଣ୍ୟା ସାରାଭନନ୍, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଆଶୀର୍ବାଦ ପରିଡ଼ା, ସହକାରୀ କମିଶନର ରୋନିତ କୁମାର, ବିଶାଳ ଗୌରବ ମଲ୍ଲିକଙ୍କ ସମେତ ୱାର୍ଡ ନଂ. ୯ର କର୍ପୋରେଟର ଟି. କିଶୋର କୁମାର ପାତ୍ର, ଜନପ୍ରତିନିଧି, ମହାନଗର ନିଗମର ଅଧିକାରୀ ଓ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ ଯୋଗଦେଇଥିଲେ। ସ୍ୱଚ୍ଛତା ଅଭିଯାନ ସହ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ଯୋଡ଼ି ଦେଶପ୍ରେମର ବାର୍ତ୍ତା ମଧ୍ୟ ପ୍ରସାର କରାଯାଇଥିଲା। ଜିଲ୍ଲାପାଳ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଜନସାଧାରଣ, ବିଶେଷକରି ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା ବଣ୍ଟନ କରିଥିଲେ। ତ୍ରିରଙ୍ଗା ପ୍ରତି ସମ୍ମାନ ଓ ଦେଶ ପ୍ରତି ଗର୍ବର ଭାବନାକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ସହ ଅଭିଯାନରେ ସମସ୍ତଙ୍କୁ ସାମିଲ ହେବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ ।

ଦକ୍ଷିଣ ଓଡ଼ିଶାର ସୌର ଯାତ୍ରାକୁ ସାକାର ରୂପ ଦେଉଛି ପିଏମ୍ ସୂର୍ଯ୍ୟ ଘର ଯୋଜନା

- ରୁଫ୍ ଟପ ସୋଲାର ପାଲଟିଛି ଲୋକଙ୍କ ପ୍ରଥମ ପସନ୍ଦ
- ରୁଫ୍ ଟପ ସୋଲାର ସ୍ଥାପନରେ ଗଞ୍ଜାମ ସାରା ରାଜ୍ୟରେ ଦ୍ୱିତୀୟ

ବ୍ରହ୍ମପୁର,(ପ୍ରତିଶବ୍ଦ) : ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଘର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରି ଅଧିକରୁ ଅଧିକ ପରିବାର ଏବେ ସ୍ୱଚ୍ଛ ଶକ୍ତିକୁ ଆପଣାଉଛନ୍ତି । ଏହି ଯାତ୍ରାର ଅଭୂତପୂର୍ବ ସଫଳତା ଏବେ ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳିଛି । ନିରନ୍ତର ଉପଭୋକ୍ତା ସଚେତନତା ଏବଂ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଦ୍ୱାରା ନିରବଚ୍ଛିନ୍ନ କ୍ରିୟାନ୍ୱୟନ ଦ୍ୱାରା ଏହି ଯୋଜନା ଏବେ ଉପଭୋକ୍ତାଙ୍କୁ ସୌର ଶକ୍ତିକୁ ଆପଣାଇବା ପାଇଁ ପ୍ରୋତ୍ସାହିତ କରୁଛି । ଯାହା ଏକଦା ଏକ ମହଙ୍ଗା ବିକଳ୍ପ ଭାବରେ ବିବେଚନା କରାଯାଉଥିଲା, ତାହା ବର୍ତ୍ତମାନ ପରିବେଶ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏହି ଯୋଜନା ଏବେ ବିଦ୍ୟୁତ ବିଲ୍ ହ୍ରାସ କରିବା ପାଇଁ ଏକ ବ୍ୟାବହାରିକ, ସୁଲଭ ଏବଂ ଦୀର୍ଘକାଳୀନ ସମାଧାନ ଭାବରେ ଉଭା ହେଉଛି । ସୌର ପ୍ୟାନେଲ ସ୍ଥାପନକୁ ନେଇ ଲୋକଙ୍କ ମଧ୍ୟରେ ବଢୁଥିବା ଆଗ୍ରହ ଏବେ ଟିପିଏସ୍‌ଓଡିଏଲ୍ ସେବା ଯୋଗାଉଥିବା ଅଞ୍ଚଳରେ ପରିଲକ୍ଷିତ ହୋଇଛି । ଅଦ୍ୟାବଧି ମୋଟ ୫୪,୩୯୦ ପରିବାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଆବେଦନ କରିଛନ୍ତି । ତନ୍ମଧ୍ୟରୁ ୨୨,୨୪୨ ପରିବାର ଏହି ଯୋଜନା ଅଧୀନରେ ନିଜ ଘର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରିସାରିଛନ୍ତି । ସେହିଭଳି ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ ତଥା ୟୁଏଲ୍ଏ ମଡେଲ ମାଧ୍ୟମରେ ମୋଟ ୧୨,୭୪୩ ଉପଭୋକ୍ତା ସୌର ପ୍ୟାନେଲ ସ୍ଥାପନ କରିଛନ୍ତି। ଏହି ଯୋଜନାର ଲାଭ ପାଇଥିବା ଉପଭୋକ୍ତା ରଞ୍ଜିତାସେଠୀ କହିଛନ୍ତି । "ଆମର ଯେହେତୁ ଏକ ବଡ଼ ଯୌଥ ପରିବାର ସେହି କାରଣରୁ ଆମର ବିଦ୍ୟୁତ ଖର୍ଚ୍ଚ ଅଧିକ ଥିଲା । ଟିପିଏସ୍‌ଓଡିଏଲର ସଚେତନତା କାର୍ଯ୍ୟକ୍ରମ ଯୋଗୁଁ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ବାବଦରେ ଜାଣିବାକୁ ପାଇଲି । ଏହାପରେ ଟିପିଏସ୍‌ଓଡିଏଲର ସହଯୋଗରେ ଘର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରିଲି । ଏଥିସହିତ ସରକାରୀ ସବସିଡି ସମୟରେ ପାଇବା ସାଙ୍ଗକୁ ବର୍ତ୍ତମାନ ମୋର ମାସିକ ବିଜୁଳି ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି । ମୁଁ ପ୍ରତ୍ୟେକ ପରିବାରକୁ ସୌର ଶକ୍ତି ଗ୍ରହଣ କରିବାକୁ କହିବି। ଯାହା ସୁଲଭ, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ମଧ୍ୟ" । ଏହି ଯୋଜନାର ଲାଭ ପାଇଥିବା ଉପଭୋକ୍ତା ରଞ୍ଜିତାସେଠୀ କହିଛନ୍ତି । ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୪,୨୭୮ଟି ସୌର ପ୍ୟାନେଲ ସ୍ଥାପନ ହୋଇଛି । ଯାହା ସାରା ରାଜ୍ୟରେ ଗଞ୍ଜାମ ଜିଲ୍ଲାକୁ ଦ୍ୱିତୀୟ ସ୍ଥାନରେ ରଖିଛି । ସେହିଭଳି ଗଜପତି ଜିଲ୍ଲାରେ ୧୪୯୨, ନବରଙ୍ଗପୁରରେ ୧୩୨୮, ରାୟଗଡ଼ାରେ ୧୪୫୨, ବୌଦ୍ଧରେ ୧,୦୮୭, କୋରାପୁଟରେ ୧,୧୬୯, ମାଲକାନଗିରିରେ ୭୧୪ ଏବଂ କନ୍ଧମାଳରେ ୬୪୯ ଟି ରୁଫ୍ ଟପ୍ ସୋଲାର ସ୍ଥାପନ ହୋଇଛି । ଯାହା ଉଭୟ ସହରାଞ୍ଚଳ ଏବଂ ଗ୍ରାମୀଣ ସମୁଦାୟଙ୍କ କ୍ଷେତ୍ରରେ ଅକ୍ଷୟ ଶକ୍ତିର ଗ୍ରହଣୀୟତାକୁ ଦର୍ଶାଉଛି । ଏହି ସୌର ଯାତ୍ରା ପଛରେ ଟିପିଏସ୍‌ଓଡିଏଲର ୟୁଏଲ୍ଏ ମଡେଲ ଏକ ମୁଖ୍ୟ ଭୂମିକା ନିର୍ବାହ କରୁଛି । ଯାହା ସୌର ପ୍ୟାନେଲ ସ୍ଥାପନକୁ ଅଧିକ ସହଜ, ସୁଗମ ଏବଂ ସୁଲଭ କରିଛି। ଏହି ଯୋଜନା ମାଧ୍ୟମରେ ଉପଭୋକ୍ତାମାନେ ୧କିଲୋୱାଟର ସୌର ପ୍ୟାନେଲ ମାତ୍ର ୧୮୭୫ ରେ ପାଇ ପାରୁଛନ୍ତି । ସେହିଭଳି ୨କିଲୋୱାଟର ସୌର ପ୍ୟାନେଲ ସ୍ଥାପନରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ୧ଲକ୍ଷ ୧୦ହଜାର ଟଙ୍କାର ସରକାରୀ ସବସିଡି ମିଳୁଥିବା ବେଳେ ୩କିଲୋୱାଟର ସୌର ପ୍ୟାନେଲ ସ୍ଥାପନରେ ୧ଲକ୍ଷ ୩୮ହଜାର ଟଙ୍କାର ସବସିଡି ମିଳୁଛି । ଏହି କ୍ରମରେ ସାରା ଦେଶରେ ରାଜ୍ୟ ସରକାର ଦେଉଥିବା ସରକାରୀ ସବସିଡି ସର୍ବାଧିକ ମଧ୍ୟ ଅଟେ। ଏହି ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ଉପଭୋକ୍ତାଙ୍କ ସୌର ଶକ୍ତିକୁ ନେଇ ବଦଳୁଥିବା ମାନସିକତାକୁ ପ୍ରତିଫଳିତ କରେ । ଯାହା ଛାତ ଉପରେ ସୌର ପ୍ୟାନେଲ ସ୍ଥାପନରେ ଏକ ସ୍ମାର୍ଟ

ବିନିଯୋଗ ଭାବରେ ଦେଖାଦେଇଛି । ସୌର ଶକ୍ତି ସ୍ଥାପନ ଫଳରେ ଦୀର୍ଘକାଳୀନ ଆର୍ଥିକ ସଞ୍ଚୟ, ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ଏବଂ ପରିବେଶ ସୁରକ୍ଷା ଆଦି ସମ୍ଭବପର ହୋଇପାରିଥାଏ । ନିରନ୍ତର ସଚେତନତା ଅଭିଯାନ, ଉପଭୋକ୍ତା ଯୋଗଦାନ କାର୍ଯ୍ୟକ୍ରମ ଏବଂ ସରଳୀକୃତ ସ୍ଥାପନ ପ୍ରକ୍ରିୟା ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ସମଗ୍ର ଦକ୍ଷିଣ ଓଡ଼ିଶାରେ ସ୍ୱଚ୍ଛ ଶକ୍ତିର ବ୍ୟାପକ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ଜାରି ରଖିଛି । ଏ ସମ୍ପର୍କରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, "ପିଏମ୍ ସୂର୍ଯ୍ୟ ଘର ଯୋଜନା ପ୍ରତି ଲୋକଙ୍କ ବର୍ଦ୍ଧିତ ପ୍ରତିକ୍ରିୟା ଉତ୍ସାହଜନକ ଅଟେ । ଅଧିକ ପରିବାର ସ୍ୱୀକାର କରୁଛନ୍ତି ଯେ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କେବଳ ସ୍ୱଚ୍ଛ ଶକ୍ତିରେ ବିନିଯୋଗ ନୁହେଁ ବରଂ ଦୀର୍ଘକାଳୀନ ସଞ୍ଚୟ ଏବଂ ଶକ୍ତି ସ୍ୱାଧୀନତା ସୃଷ୍ଟି କରେ । ଆମର ସଚେତନତା ପଦକ୍ଷେପ ଏବଂ ୟୁଟିଲିଟି-ଲେଡ୍ ଏଗ୍ରିଗେସନ ମଡେଲ (ୟୁଏଲ୍ଏ) ମାଧ୍ୟମରେ, ଆମେ ସୌରଶକ୍ତିକୁ ସରଳ, ସୁଲଭ ଏବଂ ପ୍ରତ୍ୟେକ ଯୋଗ୍ୟ ପରିବାର ପାଇଁ ଉପଲବ୍ଧ କରୁଛୁ । ଦକ୍ଷିଣ ଓଡ଼ିଶାରେ ଏହି ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ" । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ଅଧୀନରେ ରୁଫ୍ ଟପ ସୋଲାରର ବର୍ଦ୍ଧିତ ଗ୍ରହଣୀୟତା ଗ୍ରାହକଙ୍କ ସାମୂହିକ ପ୍ରୟାସ, ସରକାରୀ ସହାୟତା ଏବଂ ଟିପିଏସ୍‌ଓଡିଏଲର ନିରନ୍ତର ସୁବିଧାକୁ ପ୍ରତିଫଳିତ କରୁଛି ।

ଅବକାରୀ ବିଭାଗ ନିଷ୍କ୍ରିୟ
ଚୋରାମଦ ବିରୋଧରେ ପୋଲିସର ଚଢ଼଼ଉ ଜାରି

◆ ୧୮ ଲିଟର ଦେଶୀମଦ ଜବତ

ଖପ୍ରାଖୋଲ,(ପ୍ରତିଶବ୍ଦ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ପୁଲିସର ଚୋରା ମଦ କାରବାର ବିରୋଧରେ ଚଢ଼ାଉ ଜାରି ରହିଛି। ଅବୈଧ ଦେଶୀ ମଦ ବିକ୍ରି ଅଭିଯୋଗରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଓ ୨୦୦ ଟଙ୍କା ନଗଦ ଜବତ କରିଛି। ପୁଲିସ ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ୯ଟା ସମୟରେ ଖପ୍ରାଖୋଲ ଥାନା ଏଏସ୍ଆଇ ନବୀନ କୁମାର ଭୋଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ତୁର୍ଲା ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ରାସ୍ତାକଡ଼ରେ ଅବୈଧ ଭାବେ ଦେଶୀ ମଦ ବିକ୍ରି କରୁଥିବା ଦୟାନିଧି ବୁଡକିଆଙ୍କୁ ପୁଲିସ କାବୁ କରିଥିଲା। ତାଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଓ ମଦ ବିକ୍ରିରୁ ମିଳିଥିବା ୨୦୦ ଟଙ୍କା ନଗଦ ଜବତ କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ କେସ୍ ନମ୍ବର ୧୬୬/୨୦୨୬ ରୁଜୁ ହୋଇଛି। ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇଛି। ତେବେ ଚୋରା ମଦ କାରବାର ରୋକିବାର ମୁଖ୍ୟ ଦାୟିତ୍ୱ ଅବକାରୀ ବିଭାଗର ଥିବାବେଳେ ଏହି କ୍ଷେତ୍ରରେ ବିଭାଗର ଦୃଶ୍ୟମାନ ସକ୍ରିୟତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗାଁ ଗାଁରେ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ ରହିଥିବା ସତ୍ତ୍ୱେ ନିୟମିତ ଚଢ଼ାଉ ଓ କଠୋର କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗର ନିରବତା ଯୋଗୁଁ ଚୋରା ମଦ ବେପାରୀମାନେ ନିର୍ଭୟରେ କାରବାର ଚଳାଇବାର ସୁଯୋଗ ପାଉଛନ୍ତି କି ବୋଲି ମଧ ଆଲୋଚନା ହେଉଛି। ଅନ୍ୟପଟେ ଅବକାରୀ ବିଭାଗର ଦାୟିତ୍ୱ ଥିବା ସତ୍ତ୍ୱେ ଖପ୍ରାଖୋଲ ପୁଲିସ ନିଜ ଅଞ୍ଚଳରେ ଚୋରା ମଦ କାରବାର ଉପରେ ନିୟମିତ ନଜର ରଖି ଚଢ଼ାଉ ଓ ଗିରଫଦାରୀ କରୁଥିବାରୁ ପୁଲିସର ଏହି ସକ୍ରିୟତାକୁ ସାଧାରଣ ମହଲରେ ପ୍ରଶଂସା କରାଯାଉଛି। ଅପରାଧ ଓ ଅବୈଧ କାରବାର ବିରୋଧରେ ପୁଲିସର ଏଭଳି ତତ୍ପରତା ଜାରି ରହିଲେ ଚୋରା ମଦ ବେପାରୀଙ୍କ ଉପରେ ନିଶ୍ଚିତ ଭାବେ ଅଙ୍କୁଶ ଲାଗିପାରିବ ବୋଲି ମତ ପ୍ରକାଶ ପାଇଛି। ତେବେ ପ୍ରଶ୍ନ ହେଉଛି—ଚୋରା ମଦ ବିକ୍ରି ବିରୋଧରେ ପୁଲିସ ଯେତେବେଳେ ନିଜ ଦାୟିତ୍ୱରୁ ଆଗକୁ ବଢ଼ି ପଦକ୍ଷେପ ନେଉଛି, ସେତେବେଳେ ଅବକାରୀ ବିଭାଗ କେବେ ନିଜ ଦାୟିତ୍ୱ ପ୍ରତି ସଚେତନ ହେବ ? ଏହା ଜନସାଧାରଣ ରେ ଚର୍ଚ୍ଚା ଚାଲିଛି ।

ପାଣିଘେରରେ ଗୁରୁଦ୍ୱାର ରୋଡ୍ ୱାର୍ଡ ନମ୍ବର ୨୫ରେ ୫୦ ଘର

ରାଉରକେଲା,(ପ୍ରତିଶବ୍ଦ) : ସ୍ମାର୍ଟ ସିଟି ରାଉରକେଲା ସହରର ଥିବା ୨୫ ନମ୍ବର ୱାର୍ଡ ଗୁରୁଦ୍ୱାର ରୋଡରେ ପ୍ରାୟ ୫୦ ଘରେ ବର୍ଷା ପାଣି ଜମି ରହିଥିବା ଅଭିଯୋଗ ହୋଇଛି । ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ଡ୍ରେନ୍ ପୁନଃ ନିର୍ମାଣ ସମୟରେ ବଡ ବଡ଼ ଡ୍ରେନଗୁଡିକୁ ସଂକୁଚିତ କରାଯାଇଥିବା ଯୋଗୁଁ, ଲଗାଣ ବର୍ଷା ଯୋଗୁଁ ଏପରି ପରିସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି । ଏଥିସହିତ ଡ୍ରେନଗୁଡିକରୁ ବର୍ଷା ପାଣି ସହିତ ମଇଳା ପାଣି ଘରେ ପ୍ରବେଶ କରୁଛି । ଫଳରେ ବାସଗୃହ ଭିତରେ ଆଲମାରୀରେ ରଖାଯାଇଥିବା ପୋଷାକ, ପିଲାମାନଙ୍କର ପୁସ୍ତକ, ନୋଟ୍‌ବୁକ୍, ଘରକରଣା ଜିନିଷପତ୍ର ଇତ୍ୟାଦି ନଷ୍ଟ ହୋଇଛି । ପ୍ରତିବର୍ଷ ବର୍ଷା ଋତୁରେ ଘଟୁଥିବା ସମସ୍ୟା ଯୋଗୁଁ ଲୋକମାନେ ଚିନ୍ତିତ ରହିଛନ୍ତି । ଲଗାଣ ବର୍ଷା ଯୋଗୁଁ ପିଲାମାନଙ୍କୁ ସ୍କୁଲରୁ ଛୁଟି ଦେବାକୁ ପଡୁଛି । ଏଥିସହିତ ଗୋପବନ୍ଧୁପାଲି ସନ୍ନିକଟ ରାଉରକେଲା ରେଲ ଷ୍ଟେସନ୍ ଦ୍ୱିତୀୟ ପ୍ରବେଶପଥ ସମ୍ମୁଖରେ ଥିବା ପାର୍କିଂ ସ୍ଥଳ ସମ୍ପୂର୍ଣ୍ଣ ବର୍ଷା ପାଣିରେ ବୁଡ଼ି ରହିଛି ବୋଲି ସ୍ଥାନୀୟ ଲୋକେ ଏବଂ ରେଳଯାତ୍ରୀ ଅଭିଯୋଗ କରିଛନ୍ତି । ରାଉରକେଲା ମହାନଗର ନିଗମ ପକ୍ଷରୁ ଏହାର ତୁରନ୍ତ ପ୍ରତିକାର କରାଯିବା ପାଇଁ ଦାବି କରାଯାଇଛି ।

ହର୍ ଘର ତ୍ରିରଙ୍ଗା ଅଭିଯାନ

ବଙ୍ଗୋମୁଣ୍ଡା,(ପ୍ରତିଶବ୍ଦ) : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ସୁଭଦ୍ରା ଶକ୍ତି କାର୍ଯ୍ୟାଳୟ ଠାରେଆଜି 'ହର ଘର ତ୍ରିରଙ୍ଗା ଅଭିଯାନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଆୟୋଜିତ କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେର, ଏବିଡ଼ିଓ ସୁଶାନ୍ତ ପାଣି,ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ର ସଭାପତି ରଶ୍ମିରଞ୍ଜନ ପୁଟେଲ, ସିଡିପିଓ ମାଧୁରୀ ହୋତା, ଜିପିଡ଼ିଓ ପୁରୁଷୋତ୍ତମ ମାଝୀ,ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବିଏସଏସଓ ସଞ୍ଜିତ ସୁନା, ଶିକ୍ଷାବିତ ଡ଼ଃ ନାରାୟଣ ମିଶ୍ର,ବିପିସି ପିତାମ୍ବର ବାଗ, ଏକାଉଣ୍ଟାନ ଧିରଜ ମହାନନ୍ଦ,କର୍ମଚାରୀ ଅଗସ୍ତି ମହାନନ୍ଦ,ରେଣୁରଞ୍ଜନ ବାଗ, ବ୍ଲକ ଶକ୍ତି ସଂଚୟିକା ମହାସଂଘ ର ମହିଳା ମାନେ ସାମିଲ ହୋଇଥିଲେ । ବଙ୍ଗୋମୁଣ୍ଡା ବ୍ଲକ ର ୨୬ ଗୋଟି ପଞ୍ଚାୟତ କୁ ପ୍ରାୟ ୧୦ ହଜାର ପତାକା ବଣ୍ଟନ କରାଯାଇଛି ।

ଜୟପାଟଣାରେ କଟକଣା ଓ ଖାଦ୍ୟ ସୁରକ୍ଷା ଯାଞ୍ଚ

୩୧ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ, ବାସି ଓ ରଙ୍ଗ ମିଶା ଖାଦ୍ୟ ନଷ୍ଟ

କଳାହାଣ୍ଡି,(ପ୍ରତିଶବ୍ଦ) : କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଜୟପାଟଣା ଓ ଏହାର ଆଖପାଖ ଅଞ୍ଚଳରେ ତମାଖୁ ନିୟନ୍ତ୍ରଣ ଏବଂ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଏକ ମିଳିତ ଚଢ଼ଉ କରାଯାଇଛି। ପୁଲିସ, ଅବକାରୀ ଏବଂ ଖାଦ୍ୟ ସୁରକ୍ଷା ବିଭାଗକୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏହି ଯାଞ୍ଚ ଅଭିଯାନ ଚାଲିଥିଲା। ଚଢ଼ଉ ସମୟରେ 'ତମାଖୁ ଏବଂ ଅନ୍ୟାନ୍ୟ ଧୂମପାନ ଜାତ ଦ୍ରବ୍ୟ ଆଇନ' ଉଲ୍ଲଂଘନ କରିଥିବା ୩୧ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କଠାରୁ ମୋଟ ୬,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହିତ ତମାଖୁ ବିକ୍ରେତା ଓ ବ୍ୟବସାୟୀମାନଙ୍କୁ କୋଟ୍ପା ଆଇନର ବିଭିନ୍ନ ନିୟମ ବିଷୟରେ ସଚେତନ କରାଯାଇ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ସୁରକ୍ଷା ଯାଞ୍ଚ ବେଳେ ବିଭିନ୍ନ ଦୋକାନରୁ ପ୍ରାୟ ୨୦ କିଲୋଗ୍ରାମର ବାସି ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କୃତ୍ରିମ ରଙ୍ଗ ମିଶ୍ରିତ ଖାଦ୍ୟ ସାମଗ୍ରୀ ଜବତ କରାଯାଇ ସେଗୁଡ଼ିକୁ ଘଟଣାସ୍ଥଳରେ ହିଁ ନଷ୍ଟ କରାଯାଇଥିଲା। ଏହା ବ୍ୟତୀତ ବିନା ବୈଧ ଲାଇସେନ୍ସରେ ବ୍ୟବସାୟ କରୁଥିବା ଖାଦ୍ୟ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଛି। ସେମାନଙ୍କୁ ତୁରନ୍ତ ଆବଶ୍ୟକୀୟ ଲାଇସେନ୍ସ ହାସଲ କରିବା ସହ ଖାଦ୍ୟ ସୁରକ୍ଷା ନିୟମ ମାନିବାକୁ କୁହାଯାଇଛି।ଏହି ଟିମ ରେ ପବ୍ଲିକ ହେଲଥ୍ ବା ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ କରାଯାଇଥିବା ଏହି ମିଳିତ ଚଢ଼ଉରେ ବିଶ୍ୱଜିତ ନାୟକ (ଖାଦ୍ୟ ସୁରକ୍ଷା ଅଧିକାରୀ, କଳାହାଣ୍ଡି), ଡୋଲାମଣି ମିର୍ଦ୍ଧା (ପୋଲିସ ସବ୍-ଇନ୍ସପେକ୍ଟର, ଜୟପାଟଣା), ନିରଞ୍ଜନ ବେହେରା (ଅବକାରୀ କର୍ମଚାରୀ),ସଂଯୁକ୍ତା ବାଗ ସମେତ ଜୟପାଟଣା ଥାନାର ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

କପିଳାଭଟା ପଞ୍ଚାୟତସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବଙ୍ଗୋମୁଣ୍ଡା,(ପ୍ରତିଶବ୍ଦ) : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗାଁରେ ହେବାକୁ ଥିବା ପଞ୍ଚାୟତସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅରୁଣ କୁମାର ବାରିକ ଙ୍କ ସଭାପତିତ୍ୱରେ କପିଳାଭଟା ପଞ୍ଚାୟତ ର ସମିତି ସଭ୍ୟ କେଦାର ଭୋଇ,କପିଳାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ,ସହକାରୀ ଶିକ୍ଷକ ଶିବରାମ ସ୍ୱାଇଁ,ବରୁଣ କୁମାର ବାରିକ, କିରଣ କୁମାର ପ୍ରଧାନ ପ୍ରମୁଖ ଙ୍କ ସହ ବିଭିନ୍ନ ସଂଗଠନ ର କର୍ମକର୍ତ୍ତା, ଶିକ୍ଷାବିତ,ଶିକ୍ଷକ କର୍ମଚାରୀ ମାନେ ସାମିଲ ହୋଇଥିଲେ ।ଏହି ବୈଠକ କୁ ସାମ୍ବାଦିକ ହୁଲେଶ୍ୱର ହଂସ ପରିଚାଳନା କରିଥିଲେ ।ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ଜଣାପଡିଛି । ସବୁ ବର୍ଷ ଭଳି ଚଳିତ ବର୍ଷ ମଧ ବଡ଼ ଧୁମ୍ ଧାମରେ ପାଳନ କରାଯିବ ଜଣାପଡିଛି । ଅଗଷ୍ଟ ୧୫ ତାରିଖ ଦିନ ପାହାନ୍ତିଆ ୫.୦୦ ଘଟିକା ରେ ପ୍ରଭାତ ଫେରୀ,ସକାଳ ୭, ୧୫ଘଟିକା - ଜାତୀୟ ପତାକା ଉତୋଳନ, ୭.୨୫ଗ୍ରାମ ପରିକ୍ରମା,୮.୦୦ଘଟିକା - ପରେଡ ଅଭିବାଦନ,୯.୦୦ଘଟିକା - ସାଂସ୍କୃତିକ କାର୍ଯ୍ୟକ୍ରମ,୧୧.୦୦- ପୁରସ୍କାର ପ୍ରଦାନ, ୧୨.୦୦ଘଟିକା - ମିଷ୍ଟାନ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ନେଇ ସୂଚନା ମିଳିଛି ।

କୁଆରମୁଣ୍ଡା ନାଇକେନବାହାଲରେ 'ବିଶ୍ୱ ଆଦିବାସୀ ଦିବସ'

ରାଉରକେଲା,(ପ୍ରତିଶବ୍ଦ) : ବିଶ୍ୱ ଆଦିବାସୀ ଦିବସ ଅବସରେ ନାଇକେନବାହାଲ, କୁଆରମୁଣ୍ଡା ଠାରେ ଏକ ବିଶାଳ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ବିଧାୟକ ରୋହିତ ଯୋସେଫ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀ ସମାଜକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଧାୟକଙ୍କୁ ପରମ୍ପରାଗତ ରୀତିନୀତି ଅନୁସାରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଦିବାସୀ ଭାଇ ଭଉଣୀମାନେ ନିଜ ପରମ୍ପରାଗତ ନୃତ୍ୟ ଏବଂ ସଂଗୀତ ପ୍ରଦର୍ଶନ କରି ପରିବେଶକୁ ଆକର୍ଷଣୀୟ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ତିର୍କୀ କହିଲେ ଯେ, ଆଦିବାସୀ ସମାଜ ଆମ ଦେଶ ଓ ରାଜ୍ୟର ମୂଳ ଚିହ୍ନ । ପ୍ରକୃତିର ସଂରକ୍ଷଣ, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାରେ ଆଦିବାସୀ ଭାଇ ଭଉଣୀମାନଙ୍କର ବଡ଼ ଭୂମିକା ରହିଛି । ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଏବଂ ଜଙ୍ଗଲ, ଜଳ, ଜମି ଅଧିକାର ରକ୍ଷା ପାଇଁ ସବୁବେଳେ ପ୍ରତିଶ୍ରୁତିବଦ୍ଧ । ସେ ଆହୁରି ମଧ କହିଥିଲେ ଯେ, "କୁଆରମୁଣ୍ଡା ଅଞ୍ଚଳର ବିକାଶ ପାଇଁ ରାସ୍ତା, ପାନୀୟ ଜଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରେ ଆହୁରି ଅଧିକ ପଦକ୍ଷେପ ନିଆଯିବ । ଆଦିବାସୀ ଯୁବପିଢ଼ି ଶିକ୍ଷା ଏବଂ କ୍ରୀଡ଼ା ମାଧମରେ ଆଗକୁ ବଢ଼ି ଅଞ୍ଚଳର ନାମ ଉଜ୍ଜ୍ୱଳ କରନ୍ତୁ ।

ଅବ୍ୟବସ୍ଥାଘେରରେ କଣ୍ଟାବାଞ୍ଜି ଡାକ୍ତରଖାନା

◆ ମିଳୁନି ରୋଗୀଙ୍କୁ ଆମ୍ବୁଲାନ୍ସ ସେବା

◆ ବିଜେଡି ପକ୍ଷରୁ ସମ୍ମିଳନୀ

ବଙ୍ଗୋମୁଣ୍ଡା,(ପ୍ରତିଶବ୍ଦ) : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପୁଣି ଅବ୍ୟବସ୍ଥା ହୋଇଥିବା ନେଇ ଜଣାପଡିଛି । ଏ ନେଇ ଆଜି ବଙ୍ଗୋମୁଣ୍ଡା ଠାରେ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ କୁମାର ଯୋଶୀ । କଣ୍ଟାବାଞ୍ଜି ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ରୋଗୀ ମାନେ ହଇରାଣ ହେଉଥିବା ସହ ଦରକାର ସମୟ ରେ ରୋଗୀ ମାନଙ୍କୁ ଆମ୍ବୁଲାନ୍ସ ସେବା ମିଳୁ ନଥିବା ଅଭିଯୋଗ ଆଣିଛନ୍ତି । ନିଜେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ରୋଗୀ କଲ୍ୟାଣ ସମିତି ଅଧକ୍ଷ ଥିବା ସତ୍ତ୍ୱେ କଣ୍ଟାବାଞ୍ଜି ରେ ଏଭଳି ସମସ୍ୟା ହେବା ଦୁଃଖର ବିଷୟ ବୋଲି ପ୍ରତିକ୍ରିୟା ରଖିଛନ୍ତି । ଅନ୍ୟପଟେ ଜିଲ୍ଲାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଥିବା ବେଳେ କଣ୍ଟାବାଞ୍ଜି କୁ ସବୁବେଳେ ଅଣଦେଖା କରୁଛନ୍ତି ଏହି ସରକାର ବୋଲି କହିଛନ୍ତି । ଏହି ସମସ୍ତ ସମସ୍ୟାର ସମାଧାନ ନ ହେଲେ ଆଗମୀ ଦିନରେ ବିଜୁ ଜନତା ଦଳ ପକ୍ଷରୁ ଭୟାବହ ଆନ୍ଦୋଳନ ହେବ ବୋଲି ମଧ ଚେତାବନୀ ଦେଇଛନ୍ତି ।

ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ପକ୍ଷରୁ ସହାୟତା

୮୨୦ ଜଣଙ୍କୁ ଛତା ଓ ଚପଲ ବଣ୍ଟନ

କଳାହାଣ୍ଡି,(ପ୍ରତିଶବ୍ଦ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧୁଷିତ ଅଞ୍ଚଳ ଖଳିଆପାଲି ଗ୍ରାମପଞ୍ଚାୟତରେ ଏକ ମହତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଧାନ ମଣ୍ଡିଠାରେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ପକ୍ଷରୁ ଅସହାୟ ଲୋକଙ୍କୁ ମାଗଣାରେ ସହାୟତା ପ୍ରଦାନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୮୨୦ ଜଣ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ମାନଙ୍କୁ ମାଗଣାରେ ଛତା ଏବଂ ଚପଲ ବଣ୍ଟନ କରାଯାଇଛି। ବିନ୍ଦୁମିନା ସେବା ଫାଉଣ୍ଡେସନର ଅଧକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଏହି କାର୍ଯ୍ୟକ୍ରମରେ ନିଜେ ଉପସ୍ଥିତ ରହି ଏହି ସାମଗ୍ରୀଗୁଡ଼ିକ ବଣ୍ଟନ କରିଥିଲେ। ବିତରଣ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧକ୍ଷ ବିନ୍ଦୁ ମହାନନ୍ଦ ନିଜେ ଯୋଗଦାନ କରି ଗରିବ ଓ ଅସହାୟ ଲୋକଙ୍କ ସେବା କରିବା ସଂଗଠନର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ । ଏହି ବଣ୍ଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ବିଜେପି ନେତା ମନୋଜ ମେହେର ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜୟନ୍ତ ସିଂ, ବୈଶାଖୁ କେତକୀ,ଗଣେଶ ସାହୁ,ହରେ ମଲ୍ଲିକ, ଜୟ କୃଷ୍ଣ ସାହୁ,ସ୍ଥାନୀୟ ସରପଞ୍ଚ ଜିମୁତ ବାହାନ ହରପାଳ,ଆଶୁତୋଷ ରାଉତ, ସୁଶାନ୍ତ ଦଳେଇ, ସୌମ୍ୟ ରଞ୍ଜନ ଅଗସ୍ତି, ସୁବାସ ବାଗ,ଦୁଃଶାସନ ବାଗ, ମନୋଜ ଅଗ୍ରୱାଲ, ସୁରେଶ ମଙ୍ଗରାଜ,ମଣ୍ଟୁ ସାହୁ,ଅନନ୍ତ ସାହୁ, ଅଶୋକ ମଙ୍ଗରାଜ, ଜଗୁଜୀବନ ସେଠିଆ, ମୋହନ ଲାଲ ଅଗ୍ରୱାଲ ପ୍ରମୁଖ ଫାଉଣ୍ଡେସନ ର କାର୍ଯ୍ୟ କୁ ପ୍ରଶଂସା କରିଥିଲେ ।

ଦିବ୍ୟଶଙ୍କରଙ୍କୁ ନେଇ ବାବୁଲିଙ୍କ ବିସ୍ଫୋରକ ଅଭିଯୋଗ

'ମମିତା ମେହେର ଘଟଣା ପାଇଁ ବିଜେଡିର ଭୋଟ ହ୍ରାସ ପାଇଥିଲା'

◆ ପାର୍ଟି ଅଫିସ ଜମି, ଖଣି ଓ ବାଲିଘାଟକୁ ନେଇ ମଧ ଉଠାଇଲେ ପ୍ରଶ୍ନ

କଳାହାଣ୍ଡି,(ପ୍ରତିଶବ୍ଦ) : ବିଜେଡିରୁ ନିଲମ୍ବନ ପରେ ଦଳର ଆଭ୍ୟନ୍ତରୀଣ ରାଜନୀତିକୁ ନେଇ ମୁହଁ ଖୋଲିଛନ୍ତି ନିଲମ୍ବିତ ନେତା ସାରଦା ପ୍ରସାଦ ସ୍ୱାଇଁ ଓରଫ ବାବୁଲି ସ୍ୱାଇଁ। ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ନେଇ ସେ ଅନେକ ଗୁରୁତର ଅଭିଯୋଗ ଆଣିଛନ୍ତି। ତେବେ ଏହି ସମସ୍ତ ଅଭିଯୋଗ ବାବୁଲି ସ୍ୱାଇଁଙ୍କ ନିଜସ୍ୱ ଦାବି ଓ ମତାମତ ବୋଲି ସ୍ପଷ୍ଟ କରାଯାଉଛି। ବାବୁଲି ସ୍ୱାଇଁଙ୍କ କହିବା ଅନୁସାରେ, ଗତ ବିଧାନସଭା ନିର୍ବାଚନରେ ମମିତା ମେହେର ଘଟଣାର ପ୍ରଭାବ ବିଜେଡି ଉପରେ ପଡ଼ିଥିଲା। ତାଙ୍କ ଦାବି ଅନୁସାରେ, ଏହି ଘଟଣାକୁ ନେଇ ଦିବ୍ୟଶଙ୍କର ମିଶ୍ରଙ୍କ କାରଣରୁ ରାଜ୍ୟରେ ବିଜେଡିର ଭୋଟ ହାର ପ୍ରାୟ ୧୦ ପ୍ରତିଶତ କମିଥିଲା। ଏହା ସହିତ ଭବାନୀପାଟଣାରେ ବିଜେଡି ପାର୍ଟି ଅଫିସ ପାଇଁ ଆସିଥିବା ଅର୍ଥର ହିସାବକୁ ନେଇ ମଧ ବାବୁଲି ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ପାର୍ଟି ଅଫିସ ନିର୍ମାଣ ପାଇଁ ଆସିଥିବା ଟଙ୍କାର ସ୍ପଷ୍ଟ ହିସାବ ସମ୍ପର୍କରେ ସମସ୍ତଙ୍କୁ ଜଣା ନାହିଁ। ପାର୍ଟି ଅଫିସ ପାଇଁ ଶିଳାନ୍ୟାସ ହୋଇଥିବା ଜମିକୁ ନେଇ ମଧ ସେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ବାବୁଲିଙ୍କ କହିବା ଅନୁସାରେ, ଯେଉଁ ଜମିରେ ଶିଳାନ୍ୟାସ କରାଯାଇଥିଲା, ସେହି ଜମି ଜଣେ ଅନୁସୂଚିତ ଜାତି ବ୍ୟକ୍ତିଙ୍କ ନାମରେ ଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଜମି ଅନ୍ୟ ଜଣଙ୍କୁ ବିକ୍ରି କରାଯାଇଥିବା ସେ ଦାବି କରିଛନ୍ତି। ଏହି ଜମି ସମ୍ପର୍କିତ ଦାବିର ସତ୍ୟତା ଜାଣିବା ପାଇଁ ରେକର୍ଡ ଅଫ୍ ରାଇଟ୍ସ, ଜମିର ପୂର୍ବ ଓ ବର୍ତ୍ତମାନ ମାଲିକାନା, ବିକ୍ରୟ ଦଲିଲ ଏବଂ ଜମି ବ୍ୟବହାର ସମ୍ପର୍କିତ ସରକାରୀ ଅନୁମତିର ଯାଞ୍ଚ ଆବଶ୍ୟକ ହେବ। ପଥର କୁଆରୀ ଓ ବାଲିଘାଟକୁ ନେଇ ମଧ ଅଭିଯୋଗ ବାବୁଲି ସ୍ୱାଇଁ ଆହୁରି ଅଭିଯୋଗ କରିଛନ୍ତି ଯେ, ଦିବ୍ୟଶଙ୍କର ମିଶ୍ର ନିଜ ସମ୍ପର୍କିତ ଲୋକଙ୍କୁ ପଥର କୁଆରୀ ଲିଜ୍ ଓ ବାଲିଘାଟ ଦେବାରେ ପ୍ରଭାବ ପକାଇଛନ୍ତି ଏବଂ ଏଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି।



Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati | Executive Editor : Satyajit Mohapatra | Managing Editor : Jitendra Ku. Pati